## ସଂକ୍ଷେପରେ

### ଭାଜପା ମହିଳା ମୋର୍ଚ୍ଚାର ସେବା ସପ୍ତାହ କାର୍ଯ୍ୟକ୍ରମ

ବାଲିଆ,୨୦।୯: ଭାଜପା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ମହିଳା ମୋର୍ଚ୍ଚା ପକ୍ଷରୁ ବିରିଡ଼ିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ପାଳନ ଅବସରରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ପ୍ରଭାରୀ ଜୟଲକ୍ଷ୍ମୀ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚ ସାଧାରଣ ସମ୍ପାଦିକା ତଥା ଜିଲା ସାଙ୍ଗଠନିକ ନିର୍ବାଚନ ଉପାଧକ୍ଷା ପ୍ରତିଭା ଶତପଥୀ, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ରାମକୃଷ୍ଣ ପରିଜା, ବିଜୟ ଦାସ, ସୁଧିର ପଣ୍ଡା, ଅଶ୍ୱିନୀ ରାଉତ, ପୁରଣ ମଣ୍ଡଳ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମିଶ୍ର, ବସନ୍ତ ମହାନ୍ତି, ସୁମିତ୍ରା ସ୍ୱାଇଁ, ଅନୁଓ୍ୱରୀ ବେଗମ, ମମତା ପରିଜା, ତପସ୍ୱିନୀ ଦାସ, ଲିପିକା ଖଣ୍ଡୁଆଳ, ଲତିକା ଦାସ, ରେଣୁକା ମଲ୍ଲିକ, ଅହଲ୍ୟା ବାରିକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ଓ ବ୍ଲକ ପରିସର ସଫା କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ



କୁଜଙ୍ଗ,୨୦।୯(ସ୍ୱ.ପ୍ର): କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥିତ ବ୍ରଜବଲ୍ଲଭ ମଠ ପରିସରରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଏକ ବୈଠକ ଶିକ୍ଷକନେତା ରବୀନ୍ଦ୍ର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ମହାସଂଘର ରାଜ୍ୟ ସଂଗଠନ ସମ୍ପାଦକ ବାବୁରାମ ଚୌଧୁରୀ ଯୋଗଦେଇ ସମ୍ବିଧାନ ଓ ୫ମ ବେତନ କମିଶନ ସୁପାରିଶ ଅନୁସାରେ କେନ୍ଦ୍ର ସରକାରଙ୍କ ସମେତ ୨୪ ରାଜ୍ୟ ସରକାର ୧୯୯୮ ମସିହାଠାରୁ ଚକିତ୍ସା ଭତ୍ତା ଓ ଚକିତ୍ସା ସୁବିଧା ପ୍ରଦାନ କରୁଥିବାବେଳେ ଓଡ଼ିଶା ସରକାର ତାହା କରୁନଥିବା ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ। ଏଥିସହ ୨୦୧୭ ପରଠାରୁ ଉଠାଇ ଦିଆଯାଇଥିବା ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗକୁ ପୁନଃ ସ୍ଥାପନ, କ୍ୱାଲିଫାଇକ୍ ସର୍ଭିସ ୨୫ ବର୍ଷ ପରିବର୍ତ୍ତେ ୨୦ ବର୍ଷ, ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କା ପ୍ରଦାନ ପାଇଁ ସେ ଦାବି କରିଥିଲେ। ରାଜକିଶୋର ଦାସ, ଅମୀୟ କୁମାର ଦାସ, ମୁରାରୀ ମୋହନ ମିଶ୍ର, ନିରଞ୍ଜନ ନାୟକ, ଆର୍ତ୍ତତ୍ରାଣ ମନ୍ତ୍ରୀ, ବିଷ୍ଣୁ ଚରଣ ମୁଦୁଲି, ଅଜୟ କୁମାର ଖୁଣ୍ଟିଆ, ବିଜୟ କୁମାର ରାଜଗୁରୁ, ନାରାୟଣ ବିହାରୀ, ଭରତ ଚନ୍ଦ୍ର ବେହେରା, ଯଶୋବନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍କଳ ମହିଳା ସମିତିର ଜିଲା ସମ୍ମିଳନୀ

କୁଜଙ୍ଗ,୨୦।୯(ସ୍ୱ.ପ୍ର): କୁଜଙ୍ଗ ସୂଚନା କେନ୍ଦ୍ର ପରିସରରେ ଉତ୍କଳ ମହିଳା ସମିତି ପକ୍ଷରୁ ୨ୟ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ଶତାଧିକ ମହିଳା ବଜାର ପରିକ୍ରମା କରି କୁଜଙ୍ଗ ବ୍ଲକ୍ ପଡିଆରେ ଏକତ୍ରିତ ହୋଇଥିଲେ। ସମିତିର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ପତାକା ଉତ୍ତୋଳନ କରିଥିଲେ। ପରେ ସଭାପତି ମଣ୍ଡଳୀ ସଦସ୍ୟ ମନୋରମା ଖଟୁଆ, ମାନସୀ ସାମନ୍ତରାୟ ଓ ପ୍ରତିମା ତରାଇଙ୍କ ପୌରୋହିତ୍ୟରେ ସମ୍ମିଳନୀ ହୋଇଥିଲା। ରାଜ୍ୟ ଉପଦେଷ୍ଟା ବନଲତା ଜେନା ମୁଖ୍ୟଅତିଥି, ଉପ ସଭାନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ରାଜ୍ୟ ସମ୍ପାଦିକା ସୁଭାଷିନୀ ଭଦ୍ର, ସିପିଆଇର ଜିଲା ସମ୍ପାଦକ ଅଭିଜିତ୍ ସାହୁ, କୁଜଙ୍ଗ ଜୋନ୍ ସମ୍ପାଦକ ଶରତ ବେହେରା ପ୍ରମୁଖ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ଏକ ୨୧ ଜଣିଆ କାଉନ୍‌ସେଲ୍ ଗଠନ କରାଯାଇଥିଲା। ସଭ୍ୟା ରୂପେ ହାରାମଣି ସୂତାର, ମମତା ମହାନ୍ତି, ଜାନକୀ ସ୍ୱାଇଁ, ସସ୍ମିତା ବରାଳ, ବନ୍ଦିତା ସାମଲ, ସରସ୍ୱତୀ ବେହେରା, ବନ୍ଦିତା ରାୟ, ପ୍ରତିମା ତରାଇ, ମାନସୀ ସାମନ୍ତରାୟ, ବିଦ୍ୟୁଲତା ବେହେରା, ମନୋରମା ଖଟୁଆ, ସନ୍ଧ୍ୟାରାଣୀ ପରମାଣିକ, ଆଶାଲତା ସ୍ୱାଇଁ, ବିଜୟ ଲକ୍ଷ୍ମୀ ନାୟକ, ରୋଜାଲିନ ଦାସ ପ୍ରମୁଖ ମନୋନିତ ହୋଇଥିଲେ। ଜିଲା ସଭାନେତ୍ରୀ ବିଦୁଲତା ବେହେରା, ସମ୍ପାଦିକା ଜିନ୍ମୟୀ ସାହାଣୀ ପ୍ରମୁଖ ନିର୍ବାଚିତ ହୋଇଥିଲେ।



ନୀହାରିକା ହତ୍ୟା ମାମଲା

# ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ ହେବ ହତ୍ୟା ରହସ୍ୟ

ଜଗତ୍‌ସିଂହପୁର ଅଫିସ/ବିରିଡ଼ି (ଡି.ଏନ୍.ଏ.),୨୦।୯

ନର୍ସ ନୀହାରିକା ପାତ୍ର ହତ୍ୟା ମାମଲା ଦିନକୁ ଦିନ ଅଧିକ ରହସ୍ୟମୟ ହେବାରେ ଲାଗିଛି। ନୀହାରିକାଙ୍କ ମୃତଦେହ ବିରିଡ଼ି ଥାନା ଅଧୀନ ବିଲୁଆଖାଇ ନଦୀପଠାରୁ ଉଦ୍ଧାର ହେବାର ୩ ଦିନ ପର୍ଯ୍ୟନ୍ତ ପୋଲିସକୁ ଧରାଛୁଆଁ ଦେଉ ନ ଥିବା ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ପ୍ରେମିକ ହାଜିପୁରର କିଶୋର ଚନ୍ଦ୍ର ଆଞ୍ଚଲ (ରାଜା) ଶୁକ୍ରବାର ଅପରାହ୍ନରେ ହଠାତ୍ ପୋଲିସ କିପରି ଆତ୍ମସମର୍ପଣ କଲେ ତାହାକୁ ନେଇ ନାନା ଆଲୋଚନା ହେଉଛି। ସେହିପରି କେଉଁ ପରିସ୍ଥିତିରେ ନିହାରିକାଙ୍କ ହତ୍ୟା କରାଗଲା ତାହା ମଧ ସ୍ପଷ୍ଟ ହୋଇପାରିନି। ତେବେ ଖୁବ୍‌ଶୀଘ୍ର ସମଗ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି।

### ଆତ୍ମସମର୍ପଣ ନା ଗିରଫ

ନୀହାରିକା ନିଖୋଜ ହେବା ଓ ଗତ ୩ ଦିନ ତଳେ ତାଙ୍କ ମୃତଦେହ ବିଲୁଆଖାଇ ନଦୀପଠାରୁ ଏକ ଅଖା ମଧ୍ୟରୁ ଉଦ୍ଧାର ହେବା ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବାବେଳେ କିଶୋର ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିଲା। ଏଭଳି ସ୍ଥିତିରେ ସେ ଆତ୍ମସମର୍ପଣ କରିଛନ୍ତି ନା ପୋଲିସ ପଞ୍ଝାରେ ଧରାପଡ଼ିଛନ୍ତି ତାହା ବୁଝାପଡୁନି। କୁହାଯାଉଛି କିଶୋରଙ୍କ ପରିବାର ଉପରେ ଚାପ ବଢିବା ଓ ତାଙ୍କ ପାଖରେ ଟଙ୍କା ନ ଥିବାରୁ ସେ ପୋଲିସ କବ୍‌ଜାକୁ ଆସିବାକୁ ଏକପ୍ରକାର ବାଧହୋଇଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ନାଟକୀୟ ଢଙ୍ଗରେ କିଶୋର ଓ ତାଙ୍କ ମା' ଆସି ହଠାତ୍ ହାଜିପୁର ଛକରେ ଓହ୍ଲାଇଥିଲେ। ସେଠାରେ ଥିବା ଏକ ଚା ଦୋକାନରେ ଛିଡାହୋଇଥିବା ବିରିଡ଼ି ଥାନାର କନ୍‌ଷ୍ଟେବଲ ପ୍ରଭାକର ଦାସ ହଠାତ୍ ସେମାନଙ୍କ ପାଖକୁ ଯାଇ କିଶୋରଙ୍କୁ ଏକ ବାଇକରେ ବସାଇ କିଛି ବାଟ ନେଇଥିଲେ। ପରେ ଏସ୍‌ଡିପିଓ ପାଲ୍‌ଙ୍କ ଗାଡ଼ି ସେଠାରେ ପହଞ୍ଚିଯାଇଥିଲା। କିଶୋରଙ୍କୁ ଉକ୍ତ ଗାଡ଼ିରେ କଟକ ଅଭିମୁଖେ ନିଆଯାଇଥିଲା। ବାସ୍ତବରେ ତାଙ୍କୁ କଟକ କି ଗଣମାଧ୍ୟମଠାରୁ ଦୂରେଇ ରଖିବା ପାଇଁ କିଛି ବାଟ ବୁଲାଯାଇ ପୁଣି ଜଗତ୍‌ସିଂହପୁର ଜିଲାର କୌଣସି ଥାନାକୁ ନିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ କିଶୋର ଯେଭଳି ଦିନ ଦି ପ୍ରହରରେ ଛକ ଉପରେ ଏକ କାରରୁ ଓହ୍ଲାଇଲେ ତାହା ସହଜରେ ଗ୍ରହଣ କରିହେଉନି।

### ପରିବାର ଲୋକଙ୍କୁ ଟାରା ବନାଇଥିଲା ପୋଲିସ

କିଶୋରଙ୍କୁ ଧରିବା ପାଇଁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଟାରା ବନାଇଥିଲା। ତାଙ୍କ ମା, ବାପା ଓ ସାନଭାଇଙ୍କୁ ପୃଥକ ଭାବେ ଡାକି ପଚରାଉଚୁରା କରି ଛାଡ଼ିଦେଇଥିଲା। ଏଥିସହ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ୧୯ ତାରିଖରେ ତାଙ୍କ ସାନଭାଇଙ୍କୁ ପଚରାଉଚୁରା କରିବା ପରେ କିଶୋରଙ୍କ ସହ ଯୋଗାଯୋଗ କରିବାକୁ ସୁଯୋଗ ସୃଷ୍ଟି କରିଥିଲା। ଏହି ଯୋଜନା ମଧ୍ୟ ସଫଳ ହୋଇଥିଲା। କିଶୋର ସାନଭାଇ ସହ କଥା ହେଲାବେଳେ ଓଡ଼ିଶା ବାହାରେ ଥିବା ଜଣାପଡିଥିଲା। ତାଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଅସୁବିଧାରେ ପଡିଥିଲେ। ତେଣୁ ସାନଭାଇଙ୍କୁ ଟଙ୍କା ଯୋଗାଡ଼ କରିବାକୁ କହିଥିଲେ। ପୋଲିସ ତାଙ୍କ ସାନଭାଇ ଉପରେ ଚାପ ପକାଇ ଟଙ୍କା ନେବାପାଇଁ ଆସିବାକୁ କିଶୋରଙ୍କୁ ବାଧ କରିଥିଲା। ଯେହେତୁ ସାନଭାଇ ଟଙ୍କା ନେଇଯିବାକୁ ଡାକିଛି ତେଣୁ କିଶୋର ଏକ ଟ୍ରେନ୍‌ରେ ଆସି କଟକ ରେଳ ଷ୍ଟେଶନ୍‌ରେ ଓହ୍ଲାଇଥିଲେ। ସେଠାରୁ ଏକ କାର ଭଡା କରି ଆସିଥିଲେ। ଯୋଜନା ମୁତାବକ ତାଙ୍କୁ ମା'ଙ୍କ ସହ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାକୁ କୁହାଯାଇଥିଲା। ହାଜିପୁର ଛକରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଧରିନେଇଥିଲା।

### ଆତ୍ମସମର୍ପଣ ପାଇଁ ଚାପ

କୁହାଯାଉଛି କିଶୋରଙ୍କୁ ଆତ୍ମସମର୍ପଣ କରିବାକୁ ପୋଲିସ ଚାପ ପକାଇଥିଲା। ତାଙ୍କ ମା, ବାପା ଓ ଭାଇଙ୍କ ଏ ସମ୍ପର୍କରେ ବୁଝାଇଦିଆଯାଇଥିଲା। କିଶୋର ଆତ୍ମସମର୍ପଣ ନ କଲେ ସେମାନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇବାକୁ ବାଧ ହେବ ବୋଲି କୁହାଯାଇଥିଲା। ତେଣୁ ପୋଲିସ କଥାରେ ସେମାନେ ରାଜି ହୋଇଯାଇଥିଲେ। ତେଣୁ କିଶୋର ତାଙ୍କ ମା'ଙ୍କ ପାଖରେ ପହଞ୍ଚିବା ପରେ ଅଡୁଆରେ ପଡିଥିଲେ। ମା ତାଙ୍କୁ ଆତ୍ମସମର୍ପଣ କରିବା ପାଇଁ ବାଧ କରିବାରୁ ସେ ରାଜି ହୋଇଥିଲେ।



ରାସ୍ତାରୋକୋ କରିଥିବା ଉତ୍ତ୍ୟକ୍ତ ଗ୍ରାମବାସୀ।

## ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ

ଏରସମା,୨୦।୯(ସ୍ୱ.ପ୍ର.)

ଏରସମା ଥାନା ଜିରାଇଲୋ ପଞ୍ଚାୟତସ୍ଥିତ ଶରବା ପୋଲ ପାଖରେ ଶୁକ୍ରବାର ଭୋରରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହା ପରେ ଗାଡି ଚାଳକଙ୍କୁ ଧରିବା ଓ କ୍ଷତିପୁରଣ ଦାବିରେ ଗ୍ରାମବାସୀ ଆମ୍ବିକି ଜିରାଇଲୋ ରାସ୍ତାରୋକା କରିଥିଲେ। ପ୍ରକାଶ ଯେ, ସୁରେନ୍ଦ୍ର ରାଉତଙ୍କ ସ୍ତ୍ରୀ ନୟନା(୫୦) ଶୁକ୍ରବାର ଭୋରରେ ଶୌଚ ହେବାକୁ ଶରବା ପୋଲ ନିକଟକୁ ଆସିଥିଲେ। କିଛି ସମୟରେ ପରେ ପୋଲ ପାଖ ରାସ୍ତାରେ ସେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜଣାପଡିବା ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶତାଧିକ ମହିଳା ରାସ୍ତାରୋକୋ କରିଥିଲେ। ଏଥିରେ ଶୈଳବାଳା ରାଉତ, ଛବିରାଣୀ ରାଉତ, ରଶ୍ମିତା ଛାଟୋଇ, ଝୁନିରାଣୀ ଦଳାଇ, ସରୋଜିନୀ ପରିଡା, ସୁଷମା ସେଠୀ, ଯଶୋବନ୍ତ ରାଉତ, ଶିଶିର ରାଉତ, ଲକ୍ଷ୍ମୀଧର ସେଠୀ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏରସମା ଥାନା ଏସଆଇ ଦୀନେଶ କୁମାର ପଣ୍ଡା ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

■ କୁନି ପ୍ରଧାନ ହତ୍ୟା ମାମଲା

## ନାତି ବଳରାମଙ୍କୁ ଆଜୀବନ ଜେଲ୍‌ଦଣ୍ଡ

ଜଗତ୍‌ସିଂହପୁର ଅଫିସ,୨୦।୯

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ପ୍ରସନ୍ନପୁରର କୁନି ପ୍ରଧାନ(୮୩)ଙ୍କୁ ୨୦୧୪ ମସିହାରେ ତାଙ୍କ ନାତି ବଳରାମ ସ୍ୱାଇଁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଅଭିଯୁକ୍ତ ବଳରାମଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ଅର୍ଥ ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଭୋଗିବାକୁ ପଡ଼ିବ। ଏଥିସହ ମୃତ କୁନିଙ୍କ ପରିବାରକୁ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ହୋଇଛି ବୋଲି ପବ୍ଲିକ ପ୍ରସିକ୍ୟୁଟର ନଳିନୀକାନ୍ତ ମହାରଣା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୨୦୧୪ ଏପ୍ରିଲ ୨୬ ତାରଖ ଅପରାହ୍ନ ୪.୩୦ରେ ଘରେ କେହି ନ ଥିବାବେଳେ କୁନି ପିନ୍ଧିଥିବା ସୁନା କାନଫୁଲ ଉପରେ ବଳରାମଙ୍କ ନଜର ପଡ଼ିଥିଲା। ସେତେବେଳେ କୁନି ରୋଷେଇ ଘରେ ଥିଲେ। ବଳରାମ କାନଫୁଲ ଛଡ଼ାଇବାକୁ ଚେଷ୍ଟା କରିବାରୁ କୁନି ଚିତ୍କାର କରିଥିଲେ। ତେଣୁ ବଳରାମ ଏକ ଠେଙ୍ଗାରେ ତାଙ୍କୁ ପିଟିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ବଳରାମ ଘରୁ ଦୌଡ଼ି ପଳାଉଥିବାବେଳେ ତାଙ୍କ ଖୁଡ଼ି ଦେଖିଥିଲେ। ସଙ୍ଗେ ସଙ୍ଗେ କୁନିଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତର ରବୀନ୍ଦ୍ରନାଥ ପାଲଙ୍କ ଅଭିଯୋଗ କ୍ରମେ ବାଲିକୁଦା ଥାନାରେ ମାମଲା ନଂ.୭୪/୧୪ ରୁଜୁ ହୋଇଥିଲା। ଦୋଷୀ ବଳରାମଙ୍କ ପିତା ଗୋକୁଳ ପ୍ରଧାନଙ୍କ ସମେତ ୧୦ଜଣଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ସ୍କୁଲରେ ତାଲା

### ବଦଳି ପତ୍ର ଗ୍ରହଣ ନ କରିବାରୁ ଶିକ୍ଷକଙ୍କୁ ନିଲମ୍ବନ କଲେ ବିଇଓ

ଏରସମା,୨୦।୯(ସ୍ୱ.ପ୍ର.)

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତସ୍ଥିତ ଚାଉଳିଆ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଗ୍ରାମବାସୀ ତାଲା ବନ୍ଦ ଆନ୍ଦୋଳନ କରିଛନ୍ତି। ସମ୍ପୃକ୍ତ ଶିକ୍ଷକ ବଦଳି ଚିଠିକୁ ଗ୍ରହଣ ନ କରିବାରୁ ତାଙ୍କୁ ବିଇଓ ନିଲମ୍ବିତ କରିଛନ୍ତି। ପ୍ରକାଶ ଯେ,ଚାଉଳିଆ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୧୧୩ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେଠାରେ ୨ ଜଣ ଶିକ୍ଷକଙ୍କ ସହିତ ୪ ଜଣ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ଅପରପକ୍ଷରେ ନିକଟସ୍ଥ କଳାବେଦୀ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ୪୪ ଜଣ ଛାତ୍ରୀଛାତ୍ରଙ୍କୁ ପଢାଇବା ପାଇଁ ମାତ୍ର ଜଣେ ଶିକ୍ଷକ ନିଯୁକ୍ତ ଅଛନ୍ତି। କଳାବେଦୀ ସ୍କୁଲର ସେହି ଏକକ ଶିକ୍ଷକ ସମସ୍ୟା ଦୂର କରିବା ପାଇଁ ବିଭାଗ ପକ୍ଷରୁ ଚାଉଳିଆ ସ୍କୁଲର ଶିକ୍ଷକ ଜଗନ୍ନାଥ ହେମ୍ବ୍ରମଙ୍କୁ ଗତ ୧୧।୯।୧୯ରେ ସାମୟିକ ଭାବରେ ସେଠାକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଘଟଣା ଜଣାପଡିବା ପରେ ଚାଉଳିଆ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇଥିଲେ। ଶିକ୍ଷକଙ୍କ ବଦଳି ବାତିଲ କରିବା ଦାବିରେ ୨ ଦିନହେଲା ଗ୍ରାମାବସୀ ଚାଉଳିଆ ସ୍କୁଲରେ ତାଲା ପକାଇ ତାଲା ବନ୍ଦ ଆନ୍ଦୋଳନ କରିଥିଲେ। ଏଥିରେ ସରସ୍ୱତୀ ହାଲଦାର, ମାଳତୀ ମଣ୍ଡଳ, ସୁମିତ୍ରା ମାଇତି, କବିତା ରାୟ, କୌଶଲ୍ୟା ଦାସ, ମମତା ଜେନା, ଆରତୀ ମଣ୍ଡଳ, କଳ୍ପନା ଦାସ, ଅର୍ଜ୍ଜୁନ କୁମାର କରଣ, ନିତ୍ୟାନନ୍ଦ ଦାସ, ବସନ୍ତ ଗିରୀ ପ୍ରମୁଖ ସାମିଲ ହୋଇଥିଲେ। ଶିକ୍ଷକ ଜଗନ୍ନାଥ ବିଇଓଙ୍କ ବଦଳି ପତ୍ର ଗ୍ରହଣ ନ କରିବାରୁ ତାଙ୍କୁ ଗତ ୧୯।୯।୧୯ରେ ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟଙ୍କୁ ପଚାରିବାରୁ ସେ କହିଲେ, ଜଗନ୍ନାଥଙ୍କ ଘର କଳାବେଦୀ ସ୍କୁଲ ନିକଟରେ ହୋଇଥିବାରୁ ତାଙ୍କୁ ସାମୟିକ ଭାବରେ ସ୍ଥାନାନ୍ତର କରାଯାଇଥିଲା। ସେ ବଦଳି ପତ୍ର ଗ୍ରହଣ ନ କରିବାରୁ ତାଙ୍କୁ ନିଲମ୍ବିତ କରାଯାଇଛି।



ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

### ଓଡ଼ିଆ ସମ୍ମାନ ବିଭାଗ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ

ବିରିଡ଼ି,୨୦।୯ (ଡି.ଏନ୍.ଏ.): ବିରିଡ଼ି ବ୍ଲକ ଅନନ୍ତବଟ ଅଳକା ମହାବିଦ୍ୟାଳୟରେ ଶୁକ୍ରବାର ଓଡ଼ିଆ ସମ୍ମାନ ବିଭାଗ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଓଡ଼ିଆ ଅଧ୍ୟାପିକା ଡ. ରେବତୀ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ କୁମାର ପରିଡ଼ା ମୁଖ୍ୟଅତିଥି, ଶିକ୍ଷା ବିଭାଗ ମୁଖ୍ୟ ଡ. ବିଶ୍ୱଜିତ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ପରୀକ୍ଷିତ ମଲ୍ଲିକ, ସୌମ୍ୟରଞ୍ଜନ ପଣ୍ଡା, ଅଧ୍ୟାପିକା ରଶ୍ମିତା ସେଠୀ, ଡ. ରୁଦ୍ରନାରାୟଣ ମିଶ୍ର, ଡ. ଜ୍ୟୋତିପ୍ରକାଶ ସାମନ୍ତରାୟ, ଅଧ୍ୟାପକ ରୁଦ୍ରନାରାୟଣ ମହାନ୍ତି, ଅଧ୍ୟାପକ ସଞ୍ଜୟ ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ଓ ଜାତିର ଉନ୍ନତି ପାଇଁ ସମସ୍ତଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଓଡ଼ିଆ ବିଭାଗର ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଛାତ୍ରୀ ପ୍ରିୟଙ୍କା ନାୟକ ଧନ୍ୟବାଦ ଦେଇଥିଲେ।

### ଭାଜପାର ରକ୍ତଦାନ ଶିବିର

ପାରାଦୀପ,୨୦।୯(ସ୍ୱ.ପ୍ର): ନୂଆବଜାରସ୍ଥିତ ଅଟଳବିହାରୀ ବାଜପେୟୀ ଟ୍ରଷ୍ଟରେ ଶୁକ୍ରବାର ଭାଜପା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସକୁ ଭାଜପା ସେବା ସପ୍ତାହ ଭାବେ ପାଳନ କରୁଛି। ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ଆହ୍ୱାନ କ୍ରମେ ଏହି ଶିବିର ହୋଇଥିଲା। ଏଥିରେ ସନ୍ଧ୍ୟା ସୁଦ୍ଧା ୧୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲଶ। ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଟ୍ରଷ୍ଟ ଅଧକ୍ଷ ଅଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମନ ମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ



ଏକ ପୂଜା କମିଟି ପକ୍ଷରୁ ହୋଇଥିବା ତୋରଣ।



ମହିଳାମାନେ ଚୁଡ଼ି କିଣୁଛନ୍ତି।

ପାରାଦୀପ,୨୦।୯(ସ୍ୱ.ପ୍ର)

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ପୂଜା ଉତ୍ସବ ଉଦ୍‌ଯାପନୀ ଦିବସ ଯେତେ ପାଖେଇ ଆସୁଛି ସେତେ ଗହଳି ବଢିବାରେ ଲାଗିଛି। ଚଳିତଥର ଆକର୍ଷଣୀ ତୋରଣ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି। ଅନ୍ୟପକ୍ଷରେ ଶ୍ରେଷ୍ଠ ପୂଜା ମଣ୍ଡପ, ତୋରଣ, ସାଜସଜା, ଶାନ୍ତି, ଆଲୋକ ବ୍ୟବସ୍ଥା, ସାମାଜିକ ବାର୍ତ୍ତା ଆଦି ପାଇଁ ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ନିରୀକ୍ଷଣ ଆରମ୍ଭ ହୋଇଛି। ବିଚାରକ ଭାବେ ବନ୍ଦର ସଚିବ, ଏଏସ୍‌ପି, ନିର୍ବାହୀ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଓ ଏଡିଏମ୍ ଅଲଗା ଭାବେ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ସେହି ରିପୋର୍ଟ ଆଧାରରେ ଆୟୋଜକଙ୍କୁ ରବିବାର ପୁରସ୍କୃତ କରାଯିବ। ଅନ୍ୟପକ୍ଷରେ ଷ୍ଟଲ ନେଇଥିବା ବ୍ୟବସାୟୀମାନେ ଚଳିତଥର ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶେଷକରି ଜାଗା ମୂଲ୍ୟ, ଜିଏସ୍‌ଟି, ବିଦ୍ୟୁତ୍ ବିଲ୍, ସଫେଇ ଖର୍ଚ୍ଚ ଦେବାକୁ ପଡୁଛି। ଏଥିପାଇଁ କେତେକ କ୍ଷେତ୍ରରେ ରସିଦ୍ ଓ କେତେକ କ୍ଷେତ୍ରରେ ହାତଲେଖା କାଗଜ ମିଳୁଛି। ୭ଦିନ ପାଇଁ ୫ଟି ବଲ୍ ଜାଳିବାକୁ ୨ହଜାର ଟଙ୍କା ଦେବାକୁ ପଡୁଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଫେଇ ପାଇଁ ୫୦୦ ଓ ଜାଗା ପାଇଁ ୨୮ଶହ ବାଦ ଅଲଗା ଅର୍ଥ ଆଦାୟ ହେଉଛି।

### ବିଶ୍ୱକର୍ମା ପୂଜା ୪ର୍ଥ ସନ୍ଧ୍ୟା







ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର । -ଏଡୱାର୍ଡ



## ସଂକ୍ଷେପରେ

### ନେଉଳପୁର ଗ୍ରାମରେ ବୋମାମାଡ଼ ଅଭିଯୋଗ

**ଧର୍ମଶାଳା,୨୦।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ନେଉଳପୁର କଣ୍ଟାବଣିଆ ଗ୍ରାମରେ ଶୁକ୍ରବାର ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏହି ବୋମା ମାଡରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ସେକ୍ କାଲିବ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଅପରାହ୍ନରେ ଏକ ନମ୍ବରବିହୀନ ଆପାଚି ଗାଡିରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କ ଘର ଆଗରେ ବୋମା ମାଡ଼ କରି ଫେରାର ହୋଇଯାଇଥିବା କାଲିବ ଅଭିଯୋଗରେ ଦର୍ଶାଇଛନ୍ତି। ପୂର୍ବ ଶତ୍ରୁତାରୁ ଏହି ବୋମା ମାଡ଼ ହୋଇଥିବା ଚର୍ଚ୍ଚା ହେଉଛି।

### ଚୋରି ସାମଗ୍ରୀ ଜବତ, ୨ କୋର୍ଟଚାଲାଣ

**ଜେନାପୁର, ୨୦।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଘାସିବର ଛକରେ ଥିବା ଏକ ମୋଟରସାଇକେଲ ଦୋକାନରୁ ଗତ ୧୮ ତାରିଖରେ ଚୋରି ହୋଇଥିଲା। ଏ ନେଇ ଦୋକାନୀ ମାଲିକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୦୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ଏହି ମାମଲାରେ ପୋଲିସ ଦୁଇଜଣଙ୍କୁ ସେମାନଙ୍କ ଘରୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଘାସିବର ଗ୍ରାମର ଶିବାନୀ ଓଝା (୨୮ ) ଓ ଅମର ମଲ୍ଲିକ (୨୭)। ଶୁକ୍ରବାର ସେମାନଙ୍କୁ ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। କୁଆଖିଆ ଥାନା ଅନ୍ତର୍ଗତ ବାହାବଲପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଲିକ ଘାସିବର ଛକଠାରେ ମୋଟରସାଇକେଲ ଦୋକାନ କରିଛନ୍ତି। ୧୮ ତାରିଖରେ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।

### ଧାନ ବିକ୍ରି ପାଇଁ ୧୭୫୮ ଚାଷୀ ପଞ୍ଜୀକୃତ

ଧର୍ମଶାଳା,୨୦।୯(ଡି.ଏନ୍.ଏ.)- ଖରିଫ ଋତୁର ଧାନ ବିକ୍ରି ପାଇଁ ଚାଷୀମାନଙ୍କ ନାମ ୧୭ ତାରିଖ ସୁଦ୍ଧା ପଞ୍ଜୀକୃତ ଶେଷ ହୋଇଛି। ଧର୍ମଶାଳା ବ୍ଲକର ୧୩ ସମବାୟ ସମିତି ମାଧ୍ୟମରେ ୧୭୫୮ଜଣ ଚାଷୀ ଧାନ ବିକ୍ରି ପାଇଁ ସମବାୟ ସମିତି ମାଧ୍ୟମରେ ନାମ ଅନ୍‌ଲାଇନ୍‌ରେ ପଞ୍ଜୀକୃତ କରିଥିବା କଟକ କେନ୍ଦ୍ରୀୟ ସମବାୟ ସମିତି ବ୍ୟାଙ୍କ-ଧର୍ମଶାଳା ଶାଖା ପରିଚାଳକ ତ୍ରିଲୋଚନ ପାତ୍ର ସୂଚନା ଦେଇଛନ୍ତି । ଧର୍ମଶାଳା ବ୍ଲକର ୧୩ଟି ସମବାୟ ସମିତି ମଧ୍ୟରୁ ଅଭୟପୁର ସମବାୟ ସମିତିରେ ସର୍ବାଧିକ ୨୩୨ଜଣ ଚାଷୀ ଧାନ ବିକ୍ରି ପାଇଁ ଆବେଦନ କରିଥିବାବେଳେ ମଧୁସୂଦନପୁର ଓ ମିର୍ଜାପୁର ସମବାୟ ସମିତିରେ ସର୍ବନିମ୍ନ ଯଥାକ୍ରମେ ୮୨ ଓ ୮୦ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଆସନ୍ତା ୨୨ ତାରିଖ ସୁଦ୍ଧା ଆବେଦନ କରିଥିବା ଚାଷୀଙ୍କ ସମସ୍ତ ଡାଟାଏଣ୍ଟ୍ରି କରାଯିବ। ଚଳିତ ବର୍ଷ ଧାନ ବିକ୍ରି ପାଇଁ ଆବେଦନ କରିଥିବା ଚାଷୀଙ୍କୁ ଆଧାର ଲିଙ୍କ କରିବାକୁ ବାଧ୍ୟତାମୂଳକ କରାଯାଇଥିବାରୁ ଆବେଦନକାରୀଙ୍କ ସଂଖ୍ୟା ଗତ ବର୍ଷ ତୁଳନାରେ ସାମାନ୍ୟ ହ୍ରାସ ପାଇଛି। ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୧୮୧୫ ଟଙ୍କା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

■ଏନ୍‌ଜିଟି ଜାଲରେ ଭିସା ଷ୍ଟିଲ କାରଖାନା ମାମଲା

# ସ୍ଥଗିତାଦେଶ ମିଳିବା ଉପରେ ପ୍ରତିବନ୍ଧକ

■ସୁପ୍ରିମକୋର୍ଟରେ କ୍ୟାଭିଏଟ ପିଟିଶନ ଦାଖଲ
■ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏନ୍‌ଜିଟି ରାୟ କାଏମ
■ଏସ୍‌ପିସିବିର କାର୍ଯ୍ୟାନୁଷ୍ଠାନ ପାଇଁ ବାଟ ଫିଟିଲା

**ଯାଜପୁର ଅଫିସ,୨୦।୯**

କାରଖାନାର ବିଷାକ୍ତ ପାଣି ଚାଷ ଜମିକୁ ଛାଡ଼ିବା ଅଭିଯୋଗ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶକୁ ନେଇ ଭିସା ଷ୍ଟିଲ୍‌କୁ ଆଉ ଏକ ଶକ୍ତ ଧକ୍କା ଲାଗିଛି। ଏନ୍‌ଜିଟି ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟରୁ ସ୍ଥଗିତାଦେଶ ଆଣିବାରେ ଭିସା ଷ୍ଟିଲ ବିଫଳ ହୋଇଛି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ସୁପ୍ରିମ୍ କୋର୍ଟରେ କ୍ୟାଭିଏଟ ପିଟିଶନ(ନମ୍ବର ୮୧୯୬/୨୦୧୯)ଦାଖଲ କରାଯାଇଥିବାରୁ କୌଣସି ପ୍ରକାର ଏକପାଖିଆ ରାୟ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଫଳରେ ଗତ ଅଗଷ୍ଟ ମାସ ୯ତାରିଖରେ ହୋଇଥିବା ଏନ୍‌ଜିଟିର ରାୟ କାଏମ ରହିଛି। ଏହିକ୍ରମରେ ଭିସା ଷ୍ଟିଲ୍‌ର ବିଷାକ୍ତ ପାଣି ଛାଡ଼ିବା ଅଭିଯୋଗ ଉପରେ ଏସ୍‌ପିସିବିର ପଦକ୍ଷେପ ନେବା ଏକ ପ୍ରକାର ବାଟ ଫିଟିଯାଇଛି। ସୂଚନାଯୋଗ୍ୟ ଯେ, କଳିଙ୍ଗନଗର ଭିସା ଷ୍ଟିଲ କାରଖାନା ଦ୍ୱାରା ଉତ୍କଟ ବାୟୁ ଓ ଜଳ ପ୍ରଦୂଷଣ ପାଇଁ ଏନ୍‌ଜିଟିରେ ଆବେଦନ ସଂଖ୍ୟା ୧୯/୨୦୧୯(ଇଜେଡ) ଉପରେ ଗତ ମାସ ୯ତାରିଖରେ ଶୁଣାଣି ହୋଇଥିଲା। ଏଥିରେ ଭିସା ଷ୍ଟିଲର ବର୍ଜ୍ୟଜଳ ଛାଡ଼ିବା ମାମଲା ପାଇଁ ଏସ୍‌ପିସିବିକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରାଯାଇଛି। ଶୁଣାଣିର ୨ମାସ ମଧ୍ୟରେ ଭିସା ଷ୍ଟିଲ କାରଖାନା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ କାରଖାନାର ଏଭଳି ପ୍ରଦୂଷଣ ସୃଷ୍ଟି କରିବା ମନୋଭାବ ସମାଜ ପାଇଁ ଏକ କାର୍ଯ୍ୟ ଅପରାଧ ବୋଲି ଏନଜିଟି ଅଭିହିତ କରିଛି । ମାଟି, ପାଣି ଆଦି ପରିବେଶଗତ କ୍ଷତିପୂରଣ ଆଦାୟ କରିବାକୁ ଏନ୍‌ଜିଟି



ନିର୍ଦ୍ଦେଶ ଦେଇଛି। ଏଥିରେ ଏସ୍‌ପିସିବି ବିଫଳ ହେଲେ ଜରିମାନା ସହ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତି ଅଶ୍ୱିନୀ କୁମାର ଧଳ ଆବେଦନକାରୀ ହୋଇଥିବାବେଳେ ଏସ୍‌ପିସିବିର ସଦସ୍ୟ ସଚିବ, ଏସ୍‌ପିସିବିର ରାଜ୍ୟ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଭିସା ଷ୍ଟିଲ କାରଖାନାର ପରିଚାଳନା ନିର୍ଦ୍ଦେଶକ, ସିପିସିବିର ସଦସ୍ୟ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ତେବେ ଏନ୍‌ଜିଟିର ଏହି ରାୟ ଉପରେ ସ୍ଥଗିତାଦେଶ ପାଇଁ ଭିସାଷ୍ଟିଲ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିଲେ ହେଁ ଆବେଦନକାରୀଙ୍କ କ୍ୟାଭିଏଟ ଯୋଗୁ ସ୍ଥଗିତାଦେଶରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା ସୂଚନା ମିଳିଛି । ତେବେ ଏସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ମୁଖ୍ୟ କାର୍ଯ୍ୟାଳୟରୁ ଏଯାଏ ତାଙ୍କୁ କୌଣସି ନିର୍ଦ୍ଦେଶ ହୋଇ ନାହିଁ । ସୁପ୍ରିମକୋର୍ଟ ସ୍ଥଗିତାଦେଶ ଉପରେ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି କହିଥିଲେ। ସେହିପରି ଭିସା ଷ୍ଟିଲ କାରଖାନାର ଲୋକ ସମ୍ପର୍କ ଅଧିକାରୀ ଚିରଞ୍ଜିବୀ କାରଖାନାର ପରିବେଶ ବିଭାଗ ସହିତ ଆଲୋଚନା କରିବା ପରେ ଯାହା କିଛି କହିହେବ ବୋଲି କହିଛନ୍ତି।

### ବ୍ୟାଙ୍କ ପକ୍ଷରୁ ଋଣ ମହୋତ୍ସବ

**କଳିଙ୍ଗନଗର,୨୦।୯(ଡି.ଏନ୍.ଏ.)**

ଯାଜପୁର ଏଚ୍‌ଡିଏଫସି ବ୍ୟାଙ୍କ ଶାଖା ପକ୍ଷରୁ ଶୁକ୍ରବାର ଏକ ଋଣ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ଚୋରଦା ବାଇପାସ୍ ଛକ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ଇମାମି ସିମେଣ୍ଟ କାରଖାନା ପ୍ରକଳ୍ପ ମୁଖ୍ୟ ପ୍ରଭେନ୍ଦ୍ର କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ମହତ୍ସୋବ ୨୦ ଓ ୨୧ ତାରିଖ ଦୁଇଦିନ ଚାଲିବ। ଏହାକୁ ଯାଜପୁର ଏଚ୍‌ଡିଏଫସି ବ୍ୟାଙ୍କ ଶାଖା ପ୍ରବନ୍ଧକ ନୀହାର ରଞ୍ଜନ ନନ୍ଦ ଆୟୋଜନ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ଲଷ୍ଟର ମୁଖ୍ୟ ସୁବାଶିଷ ଚୌଧୁରୀ, ସିଏସ୍‌ସି ରାଜ୍ୟ ମୁଖ୍ୟ ପ୍ରମାଥେସ ପଟ୍ଟନାୟକ, ବାଣିଜ୍ୟ ବାହନ ଜୋନାଲ ମୁଖ୍ୟ ସୁବ୍ରତ ମହାପାତ୍ର, ଶକ୍ତି ରଞ୍ଜନ ସ୍ୱାଇଁ, ପ୍ରକାଶ ପ୍ରଧାନ, ସମରେନ୍ଦ୍ର ବିହାରୀ, ତଥାଗତ ମହାପାତ୍ର, ପ୍ରହ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ସାହାରା ଗ୍ରୁପ କମ୍ପାନୀ ଉପରେ ନିରୀକ୍ଷଣ ପ୍ରସଙ୍ଗ

# ରିପୋର୍ଟ ଉପରେ ଅସନ୍ତୋଷ ବ୍ୟକ୍ତ କଲେ ଆରସିଏସ୍

■ ୭ ଦିନ ମଧ୍ୟରେ ପୁନଃ ନିରୀକ୍ଷଣ ରିପୋର୍ଟ ଦାଖଲ ନିର୍ଦ୍ଦେଶ
■ ୧୦ଟି ପ୍ରସଙ୍ଗ ଉପରେ ଗୁରୁତ୍ୱ

**ଯାଜପୁର ଅଫିସ,୨୦।୯**

ସାହାରା କ୍ରେଡିଟ କୋପୋରେଟିଭ ସୋସାଇଟି, ହମାରା ଇଣ୍ଡିଆ କ୍ରେଡିଟ କୋଅପରେଟିଭ ସୋସାଇଟି ଲିଃ ଓ ସାହାରିୟାନ ଇ-ମଲଟିପର୍‌ପୋଜ କୋଅପରେଟିଭ ସୋସାଇଟି ଲିଃ ଉପରେ ହୋଇଥିବା ନୀରିକ୍ଷଣ ରିପୋର୍ଟ ସନ୍ତୋଷଜନକ ନୁହେଁ । ଜମାକାରୀଙ୍କ ସୁରକ୍ଷା ଓ ଅଧିକାରୀ ଉଦ୍ଦେଶ୍ୟରେ କରାଯାଇଥିବା ନିରୀକ୍ଷଣ ସଂକ୍ରାନ୍ତରେ ସଂପୃକ୍ତ ଅଧିକାରୀ ଯତ୍ନବାନ ହୋଇ ନାହାନ୍ତି। ଏଥିରୁ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ(ଏଆରସିଏସ୍)ଙ୍କ ମଧ୍ୟରେ ବେଖାତିର ମନୋଭାବ ସ୍ପଷ୍ଟ ଭାବେ ଦିଶୁଛି ବୋଲି ରାଜ୍ୟ ସମବାୟ ସମିତିର ନିବନ୍ଧକ(ଆର୍‌ସିଏସ) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାସହ ୧୦ଟି ପ୍ରସଙ୍ଗ ଉପରେ ପୁନଃ ନୀରିକ୍ଷଣ କରି ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଆର୍‌ସିଏସ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ସାହାରା ଗ୍ରୁପ ଅଫ କମ୍ପାନୀର କାର୍ଯ୍ୟକଳାପ ଉପରେ ନୀରିକ୍ଷଣ କରି ରିପୋର୍ଟ ଦାଖଲ କରିବାକୁ ୨୦୧୮ ମସିହାରୁ ୭ ଥର ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶର ପ୍ରାୟ ୮ ମାସ ପରେ ନୀରିକ୍ଷଣ ରିପୋର୍ଟ ଦାଖଲ ହୋଇଥିଲା। ସେହି ନୀରିକ୍ଷଣ ରିପୋର୍ଟ ବେପରୁଆ ଭାବେ ହୋଇଥିବା ଆର୍‌ସିଏସ୍ ଅନୁଭବ କରିଛନ୍ତି। ଆବଶ୍ୟକ ପ୍ରସଙ୍ଗକୁ ଏଡ଼ାଇ ଦେଇ ଯେନତେନ ପ୍ରକାରେ ନୀରିକ୍ଷଣ କରାଯାଇଛି। ତେଣୁ ଆର୍‌ସିଏସ୍ ୧୦ଟି ପ୍ରସଙ୍ଗ ଉପରେ ନିରୀକ୍ଷଣ କରିବାକୁ ଏଆର୍‌ସିଏସ୍‌ମାନଙ୍କୁ ପରାମର୍ଶ ଦେଇଛନ୍ତି । ସେହି ପ୍ରସଙ୍ଗଗୁଡିକ ହେଲା ସାହାରା ଗ୍ରୁପର ବିଭିନ୍ନ ବ୍ରାଞ୍ଚରେ ସମୁଦାୟ ସଭ୍ୟ, ଅଂଶଧନ ପରିମାଣ, ଅଂଶଧନ ସଂଗ୍ରହ ସମୁଦାୟ ପରିମାଣ, ଭୋଟିଂ ମେମ୍ବରଠାରୁ ଜମା ଅର୍ଥ ସଂଗ୍ରହ ପ୍ରଭୃତି ରହିଛି। ଆର୍‌ସିଏସ୍‌ଙ୍କ ଅଭିଯୋଗ କ୍ରମେ ଗତ ନଭେମ୍ବର ମାସରେ ରାଜ୍ୟ ପୋଲିସ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଏନେଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିଲା। ଏହାପରେ ସାହାର ଗ୍ରୁପ୍ ଅଫ କମ୍ପାନୀର ସର୍କଲ/ଡିଭିଜନର ବିଭିନ୍ନ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇ ଆସୁଛି। କିନ୍ତୁ ନିରୀକ୍ଷଣ ରିପୋର୍ଟ ଖାମଖିଆଲି ଭାବେ ଦାଖଲ କରାଯାଇ ନିଜର ଦାୟିତ୍ୱ ସମ୍ପାଦନ କରାଯାଇଛି । ଅପରପକ୍ଷରେ ସାହାରା ଗ୍ରୁପ କମ୍ପାନୀର ବିଭିନ୍ନ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହିଛି। ନିବେଶକର୍ତ୍ତାଙ୍କ ମାଚ୍ୟୁରିଟି ହୋଇ ସାରିଥିଲେ ହେଁ ସେମାନେ ଜମା ଅର୍ଥ ଫେରସ୍ତ ପାଇନାହାନ୍ତି। ନିର୍ଦ୍ଦେଶପତ୍ରରେ ଏମ୍‌ଏସ୍‌ସିଏସ୍ ଆଇନ ୨୦୦୨ ଅନୁସାରେ ଅନୁଷ୍ଠାନର ନାମ, ପଞ୍ଜିକରଣ ସଂଖ୍ୟା, ରେଜିଷ୍ଟରିଂ ଅଥରିଟି, ବ୍ରାଞ୍ଚର ଏରିଆ ଅଫ ଅପରେଶନ ଇତ୍ୟାଦି ୪୨ଟି ତଥ୍ୟ ତଦନ୍ତ କରିବାକୁ ଦର୍ଶାଇଥିଲେ। ଯଦି ଆଇନଗତ ଅଧିକାର ନ ଥାଇ ସାଧାରଣ ଲୋକଙ୍କଠାରୁ ଟଙ୍କା ଆଦାୟ କିମ୍ବା କୌଣସି ବେଆଇନ କାର୍ଯ୍ୟକଳାପ ହେଉଛି ତେବେ ସଂପୃକ୍ତ କମ୍ପାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଓଡବ୍ଲ୍ୟୁ ଏସ୍‌ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିରେ ସର୍କଲ, ବ୍ରାଞ୍ଚ, କ୍ରେଡିଟ ସୋସାଇଟି, ସଭ୍ୟ ସଂଖ୍ୟା ଓ ଜମାରାଶି, ସୁଧ ପରିମାଣ, ଅଗ୍ରୀମ ଋଣ ସୁଧ ସହ ଆଦି ତଥ୍ୟ ଦେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଫେରସ୍ତ ହୋଇ ନ ଥିବା କେତେ ଅଭିଯୋଗ ହୋଇଛି ସେ ସମ୍ପର୍କରେ ତଥ୍ୟ ଦେବାକୁ ଦର୍ଶାଯାଇଥିଲା। ଏ ସଂକ୍ରାନ୍ତରେ ଏଆର୍‌ସିଏସ ଶରତ ମଲ୍ଲିକ କୁହନ୍ତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପରାମର୍ଶ ଅନୁସାରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରି ନୀରିକ୍ଷଣ ରିପୋର୍ଟ ଦେବାକୁ ପ୍ରସ୍ତୁତି ଚାଲିଛି। ସାହାରା ଗ୍ରୁପ ପକ୍ଷରୁ ଏକ ବିଜ୍ଞାପନ ମାଧ୍ୟମରେ ସୂଚିତ କରାଯାଇଛି ଯେ, ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ଯେମିତି ଖାତାଗୁଡିକ ଯାଞ୍ଚ ହୋଇଯିବ, ଜମା କରିଥିବା ସମସ୍ତ ଧନରାଶି ଫେରସ୍ତ ମିଳିବ। ଏହାପରେ ଯାହାକୁ ଯାହା ଦେୟ ପାଇବାର ଅଛି, ତାହା ପୁରା ହୋଇଯିବ ବୋଲି ମଲ୍ଲିକ କହିଛନ୍ତି।

## ଚଣ୍ଡିଖୋଲ ବଜାର ସଫେଇ କଲେ ପୋଲିସ, ପଞ୍ଚାୟତ ପ୍ରତିନିଧି



**ଚଣ୍ଡିଖୋଲ, ୨୦।୯(ଡି.ଏନ୍.ଏ)**

ଚଣ୍ଡିଖୋଲ ଛକ ଏକ ବ୍ୟସ୍ତ ବହୁଳ ଛକ ହୋଇଥିବାବେଳେ ଏହାର ଚତୁର୍ପାର୍ଶ୍ୱରେ ଅଳିଆ ଆବର୍ଜନା ଜମା ହୋଇ ରହୁଛି। ଦୀର୍ଘ ଦିନ ହେବ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ଏହି ଛକର ପରିବେଶ ପ୍ରତି କାହାର ନଜର ନ ଥିଲା। ଶୁକ୍ରବାର ବଡ଼ଚଣା ଥାନା, ଚଣ୍ଡିଖୋଲ ଫାଣ୍ଡି ଓ ସୁଙ୍ଗୁଡ଼ା ପଞ୍ଚାୟତର ମିଳିତ ଉଦ୍ୟମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ପରିବା ମାର୍କେଟ, ମାଛ ମାର୍କେଟ, ବୁଦ୍ଧ ମୂର୍ତ୍ତି ଚତୁର୍ପାର୍ଶ୍ୱଠାରୁ ଆରମ୍ଭ କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ , ସେପଟେ ଷ୍ଟେଟ ବ୍ୟାଙ୍କଠାରୁ ଚଣ୍ଡିଖୋଲ ଟ୍ରାଫିକ, ତାରିଣୀ ମାର୍କେଟ, କଲେଜ ଛକ, ମାଂସ ମାର୍କେଟ ଓ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ କୁମାର ସ୍ୱାଇଁ, ଏସ୍‌ଆଇ ସହିଦ ଖାନ, ଜ୍ୟୋତିରଂଜନ ମହାପାତ୍ର, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶୀଲ କୁମାର ନାୟକଙ୍କ ସମେତ ପୋଲିସ ବିଭାଗର କର୍ମଚାରୀ, ନାଏବ ସରପଞ୍ଚ ମସିର ଆଲାମ, ପରିବେଶ କର୍ମୀ ପ୍ରିୟବ୍ରତ ଖିଲାର, ରିୟାଜ ଉଦ୍ଦିନ ଖାନ, ସେକ ସବିରଉଦ୍ଦିନ, ସହକାରୀ ଯନ୍ତ୍ରୀ ପଦ୍ମନାଭ ରାଉତ, ସୁବାଷ ଚନ୍ଦ୍ର ଦାସ, ପ୍ରକାଶ ରାଉତ, ପର୍ବତାରୋହୀ ସଂଘମିତ୍ରା ଦଳାଇ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଶାସକ୍ତ ବାଇକ୍ ଚାଳକ କୋର୍ଟ ଚାଲାଣ

**ଧର୍ମଶାଳା,୨୦।୯(ଡି.ଏନ୍.ଏ.)**

ଧର୍ମଶାଳା ପୋଲିସ ପକ୍ଷରୁ ଜାରକା ସିନେମାହଲ ଓ ମିର୍ଜାପୁର ଛକଠାରେ ବୁଧବାର ରାତିରେ ଗାଡି ଯାଞ୍ଚ କରାଯାଇଥିଲା। ଏହି ସମୟରେ ନିଶାସେବନକରି ଗାଡ଼ି ଚଳାଉଥିବା ୩ ଜଣ ଚାଳକଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଉତ୍ତରଶାସନ ଗ୍ରାମର କ୍ଷେତ୍ରବାସୀ ବେହେରା, ରତନପୁର ଗ୍ରାମର ପଦନ ରାଉତ ଏବଂ ବଡ଼ଚଣା ଥାନା ରାଧାଦେଇପୁର ଗ୍ରାମର ବିଜୟ ନାୟକ। ଏମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପରେ ଶୁକ୍ରବାର ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରେଜ୍ ଆନାଲାଇଜର ସହାୟତାରେ ବାଇକ ଚାଳକମାନଙ୍କୁ ଯାଞ୍ଚ କରିଥିଲେ।

## ଦ୍ୱିତୀୟ ଦିନରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଜେନାପୁର,୨୦।୯(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଯାଜପୁର ସହ ଦାନଗଦୀ ବ୍ଲକ ମଧ୍ୟରେ ସେମିଫାଇନାଲ ଖୋଖୋ ମ୍ୟାଚ୍ ହୋଇଥିଲା। ଏଥିରେ ଦାନଗଦୀ ବିଜୟୀ ହୋଇ ଫାଇନାଲ୍‌କୁ ପ୍ରବେଶ କରିଛି। ସେହିପରି ବଡ଼ଚଣା ସହିତ ବିଞ୍ଝାରପୁର ମଧ୍ୟରେ ଅନୁଷ୍ଠିତ ଖୋଖୋ ମ୍ୟାଚ୍‌ରେ ବିଞ୍ଝାରପୁର ଫାଇନାଲ୍‌କୁ ପ୍ରବେଶ କରିଛି। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଦାନଗଦୀ ଓ ଯାଜପୁର ବ୍ଲକ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଯାଜପୁର ଫାଇନାଲକୁ ପ୍ରବେଶ କରିଛି। ଏହିପରି ଧର୍ମଶାଳା ସହ ବିଞ୍ଝାରପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଞ୍ଝାରପୁର ଫାଇନାଲକୁ ଯାଇଛି। ୧୪ ବର୍ଷରୁ କମ୍ ବାଳିକା ଖୋଖୋ ବିଭାଗରେ ଯାଜପୁର ସହ ଦଶରଥପୁର ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଯାଜପୁର ଫାଇନାଲକୁ ପ୍ରବେଶ କରିଛି। ଭଲିବଲ୍ ବାଳକ ବିଭାଗରେ ଧର୍ମଶାଳା ବ୍ଲକ ଓ ରସୁଲପୁର ମଧ୍ୟରେ ସେମିଫାଇନାଲ ହୋଇଥିଲା। ଧର୍ମଶାଳା ବ୍ଲକ(୨-୦)ଗୋଲରେ ରସୁଲପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି। ସେହିପରି ବଡ଼ଚଣା ଓ କୋରେଇ ବ୍ଲକ ମଧ୍ୟରେ ଅନୁଷ୍ଠିତ ଭଲିବଲ୍ ମ୍ୟାଚ୍‌ରେ (୨-୦) ଗୋଲରେ କୋରେଇ ବିଜୟୀ ହୋଇଛି। ଶିକ୍ଷକ ଗଣେଶ୍ୱର ବେହେରା, ଅଜିତ୍ କୁମାର ପାଲ୍, ମିର୍ଜା ଆବାଦ୍ ବେ ଓ ପ୍ରଭାକର ରାଉତ ଖେଳ ପରିଚାଳନା କରିଥିଲେ। ଶନିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସ୍ୱାଇଁ ସୂଚନା ଦେଇଛନ୍ତି।

# ୧୫ଜାନୁୟାରୀରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ

**ରସୁଲପୁର,୨୦।୯(ଡି.ଏନ୍.ଏ.)**

**ଭୋଟର ତାଲିକା ସଂଶୋଧନ ଜାରି**

ଗତ ୧ ତାରିଖଠାରୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୨୦୨୦ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ। ୧୫ଜାନୁୟାରୀରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟା ଭିତରେ ଜଣେ ଭୋଟର ନିଜ ନାମକୁ ତାଲିକାରେ ଯୋଗ(ଫର୍ମ ନଂ-୬), ବାଦ(ଫର୍ମ ନଂ-୭) ଓ ସଂଶୋଧନ(ଫର୍ମ ନଂ-୮) ବ୍ୟବହାର କରି କରିପାରିବ। ଏହି କାର୍ଯ୍ୟ ଅକ୍ଟୋବର ୧୫ପର୍ଯ୍ୟନ୍ତ ଚାଲିବ। ଏହି ଫର୍ମ ବିନା ମୂଲ୍ୟରେ ବୁଥ ଅଧିକାରୀ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ନିକଟରେ ଉପଲବ୍ଧ ହେଉଛି। ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ବୁଥସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅବଧିମଧ୍ୟରେ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର ତାଲିକା ସଂଶୋଧନ କରୁଛନ୍ତି। ଏହାଛଡା ଏହି କାର୍ଯ୍ୟ ଜନସେବା କେନ୍ଦ୍ରରେ ଓ ଅନଲାଇନ(ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଏନ୍‌ଭିଏସ୍‌ପି.କମ୍) ସାଇଟକୁ ଯାଇ ମଧ୍ୟ କରାଯାଇ ପାରିବ। ଜଣେ ଭୋଟରଙ୍କ ବୟସ ଜନିତ ତ୍ରୁଟି ସୁଧାରିବା ପାଇଁ ରାଶନ କାର୍ଡ, ପ୍ୟାନକାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଫଟୋଥିବା ବ୍ୟାଙ୍କ ପାସବୁକ୍, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାର କାର୍ଡ, କିଶାନ କ୍ରେଡିଟ୍ କାର୍ଡ ଆଦି ମଧ୍ୟରୁ ଗୋଟିକର ଅବିକଳ ନକଲ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ହେବ । ଏଥର ଏକାଧିକ ସ୍ଥାନରେ ଭୋଟର ତାଲିକାରେ ନାଁ ଥିବା ଭୋଟରଙ୍କୁ ବାଦ୍ ଦେବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ରସୁଲପୁର ବ୍ଲକ ବିଡିଓ ଉମାକାନ୍ତ ପରିଡା କହିଛନ୍ତି।

ଏହି ବ୍ଲକ ଅଧିନରେ ମୋଟ ୧୫୩ଟି ବୁଥ୍ ରହିଛି । ବୁଥ ଦାୟିତ୍ୱରେ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଉକ୍ତ କାର୍ଯ୍ୟକୁ ତଦାରଖ କରିବା ସକାଶେ ୧୫ଜଣ ସୁପରଭାଇଜର ନିଯୁକ୍ତି ଦିଆଯାଇଛି । ଏହାଛଡା ୧ ରୁ ୧୫ ଅକ୍ଟୋବର ମଧ୍ୟରେ ବୁଥ୍ ପରିବର୍ତ୍ତନ ଓ ଠିକଣା ପରିବର୍ତ୍ତ ସହ ଏ ଦିଗର ରହିଥିବା ତ୍ରୁଟି ବିଚ୍ୟୁତି ସୁଧାରିବା କାର୍ଯ୍ୟକ୍ରମ ଚାଲିବ । ଡିସେମ୍ବର ୧୫ ପର୍ଯ୍ୟନ୍ତ ଭୋଟରଙ୍କଠାରୁ ସଂଶୋଧନ ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯିବ। ୧୫ରୁ ୨୫ଡିସେମ୍ବର ମଧ୍ୟରେ ବୁଥ୍ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟ ଶେଷ କରି ଫର୍ମ ଗୁଡିକୁ ବ୍ଲକରେ ଦାଖଲ କରିବେ। ୨୫ ରୁ ୩୧ଡିସେମ୍ବର ପର୍ଯ୍ୟନ୍ତ ବ୍ଲକ ସ୍ତରରେ ସମସ୍ତ ଆପତ୍ତି ଅଭିଯୋଗକୁ ଯାଞ୍ଚ କରାଯିବ। ୧ ରୁ ୧୫ ଜାନୁଆରୀ ମଧ୍ୟରେ ସଂଶୋଧନ, ପରିବର୍ତ୍ତନ, ସ୍ଥାନାନ୍ତରଣ ଆଦି ଯାବତୀୟ କାର୍ଯ୍ୟ ଶେଷ କରାଯାଇ ଜାନୁଆରୀ ୧୫ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ।

# ଟାର୍ଗେଟ ସୀମିତ, ରାଜସ୍ୱ ଲୁଣ୍ଠନ ଅପର୍ଯ୍ୟାପ୍ତ

**ଯାଜପୁର ଅଫିସ,୨୦।୯**

**ଯାଜପୁର ଅବକାରୀ ବିଭାଗ**
■ବୃଦ୍ଧି ପାଉଛି ଚୋରାମଦ କାରବାର
■ଅବକାରୀ ବିଭାଗ ନିରବଦ୍ରଷ୍ଟା
■ସରକାରୀ ଜାଗାରେ ମଦ ଦୋକାନ

ବିଷାକ୍ତ ମଦ ତିଆରି ହେଉ ବା ବିକ୍ରି କରିବା ଯେପରି ଏକ ଗର୍ହିତ ଅପରାଧ, ସେହିଭଳି ମଦ ବିକ୍ରି ନାମରେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଣ୍ଠନ କରିବା ମଧ୍ୟ ଗୁରୁତର ଦେଶଦ୍ରୋହ କାର୍ଯ୍ୟ। ସରକାର ଅବକାରୀ ବିଭାଗକୁ ରାଜସ୍ୱ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରିଥାନ୍ତି, ଅନ୍ୟପଟେ ରାଜସ୍ୱ ଧାର୍ଯ୍ୟ ମୁତାବକ ସଂଗ୍ରହ ତ ହୋଇଯାଏ ହେଲେ ରାଜସ୍ୱ ଲୁଣ୍ଠନ ହୁଏ ଅନ୍ୟବାଟରେ। ଜିଲାରେ ବେଆଇନ ଭାବେ ଦେଶୀ ମଦ ଉତ୍ପାଦନ କରି ଅସାଧୁ ଉପାୟରେ ବିକ୍ରି କରି ମାଲେମାଲ ହୋଇଥାନ୍ତି ବିଭାଗୀୟ କର୍ମଚାରୀ ଏବଂ ମଦ ମାଫିଆ। ଏହିକ୍ରମରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଦେଶୀ ଓ ମହୁଲି ମଦର ଚୋରା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ସରକାରୀ ଜାଗାରେ ମଧ୍ୟ ମଦଦୋକାନ ଚାଲିଥିବା ଅଭିଯୋଗ ହେଉଛି। ଯଦ୍ୱାରା ମଦ ମାଫିଆଙ୍କ ଅରାଜକତା ସେହି ଅନୁପାତରେ ବୃଦ୍ଧି ପାଉଛି। ହେଲେ ଜିଲା ଅବକାରୀ ବିଭାଗ ନିରବଦ୍ରଷ୍ଟା ପାଲଟିଛି। ପରିଣାମ ସ୍ୱରୂପ ବ୍ୟାସନଗର ପୌରାଞ୍ଚଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ଏହାର ପ୍ରଭାବ ବିଶେଷ ଭାବେ ଅନୁଭୁତ ହେଉଛି। କେଉଁଠି ପାନ ଦୋକାନରେ ତ ଆଉ କେଉଁଠି ଜଳଖିଆ ଦୋକାନରେ ଚୋରା ମଦ ବିକ୍ରି କରାଯାଉଛି। କଟକ ଜିଲା ଆଠଗଡ଼ ଅଞ୍ଚଳର ଜଣେ ଦେଶୀମଦ ଭେଣ୍ଡରଙ୍କ ନାଁରେ ଥିବା ମଦ ଲାଇସେନ୍ସରେ ଏଠାରେ ବ୍ୟାପକ ଭାବେ ମଦ କାରବାର ଚାଲିଛି । ସ୍ଥାନୀୟ ଅଞ୍ଚଳର ଜଣେ ମଦବେପାରୀ ଉକ୍ତ ଲାଇସେନ୍ସକୁ ନବୀକରଣ କରାଇ ଏହି ଅଞ୍ଚଳରେ ନିଜର ମଦ ସାମ୍ରାଜ୍ୟର କାୟା ବିସ୍ତାର କରିଚାଲିଥିବା ଅଭିଯୋଗ ହୋଇଛି। ଗତ ପ୍ରାୟ ଦୁଇ ବର୍ଷ ହେବ କଳିଙ୍ଗନଗର, ବ୍ୟାସନଗର, କୋରେଇ, ପାଣିକୋଇଲି, ରଗଡି, ଶଙ୍ଖଚିଲା, ରାଉତରାପୁର, ପହଙ୍ଗା, ତଣ୍ଡରା ପ୍ରଭୃତି ଅଞ୍ଚଳରେ ଏହି ଚୋରା କାରବାର ଚଳାଇ ଆସିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏପରିକି ତାଙ୍କ ନାମରେ ବାରମ୍ବାର ଅବକାରୀ ବିଭାଗ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ କଳିଙ୍ଗନଗର ଥାନା ଅନ୍ତର୍ଗତ ନିମପଲ୍ଲୀ ମୌଜାରେ ବ୍ୟବସାୟୀ ଜଣକ ନାମରେ ଏକ ସରକାରୀ ବିଦେଶୀ ମଦ ଦୋକାନ ମଧ୍ୟ ରହିଛି। ତେବେ ଏହି ମଦ ଦୋକାନଟି ନିମପଲ୍ଲୀ ମୌଜାର ଖାତା ନଂ-୯୧, ପ୍ଲଟ୍ ନଂ-୧୫୬୫/୩୨୭୭ରେ ଥିବାବେଳେ ଏହାର ଅର୍ଦ୍ଧାଧିକ ଭାଗ ଜାଗା ସରକାରୀ ଜମିରେ ରହିଛି। ଏନେଇ ଅଭିଯୋଗ ହେଉଥିଲେ ହେଁ ଅବକାରୀ ବିଭାଗ ଏଥିପ୍ରତି ଭୃକ୍ଷେପ ନ କରି ଚଳିତ ବର୍ଷ ପୁନର୍ବାର ଏହାର ନବୀକରଣ କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟବସାୟୀ ଗୋଟିଏ ପଟେ କଳିଙ୍ଗନଗର ଅଞ୍ଚଳରେ ବେଆଇନ ଭାବେ ସରକାରୀ ବିଦେଶୀ ମଦ ଦୋକାନ ଖୋଲି କାରବାର ଚଳାଇ ଆସିଥିବାବେଳେ ଅନ୍ୟପଟେ ବାହାର ଜିଲାର ଲାଇସେନ୍ସ ଜରିଆରେ ଦେଶୀମଦ ଚୋରା କାରବାର ଅଣାୟତ୍ତ ହେବାରେ ଲାଗିଛି। ଏହାଦ୍ୱାରା ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଥିବା ସ୍ପଷ୍ଟ ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଅବକାରୀ ଅଧିକ୍ଷକଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରି ନାହିଁ।

## ସଂକ୍ଷେପରେ

### ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲା କାର୍ଯ୍ୟ ବନ୍ଦ ଦାବି କଲେ ଅଭିଯୋଗକାରୀ

**କେନ୍ଦ୍ରାପଡା ଅଫିସ, ୨୦।୯:** ମାର୍ଶାଘାଇ ବ୍ଲକ ମଣିକୁଣ୍ଡାସ୍ଥିତ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ଗତ ୬ତାରିଖରେ ଜିଲା ପ୍ରଶାସନ ଓ ସମ୍ପୃକ୍ତ ଠିକାଦାରଙ୍କୁ ନୋଟିସ ଦିଆଯାଇଛି। ଏହାସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ଦାବି କରି ଏନ୍‌ଜିଟିରେ ଅଭିଯୋଗକାରୀ ଆଳୟ ସାମନ୍ତରାୟ ଗୁରୁବାର ଜିଲାପାଳ, କଟକ ବନ ବିଭାଗ ଓ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଅଧିକାରୀଙ୍କୁ ଗୁରୁବାର ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ସାମନ୍ତରାୟ କୁହନ୍ତି ଯେ, ଏହି ନିର୍ମାଣାଧୀନ ପ୍ରକଳ୍ପ ଗ୍ରାମ୍ୟ ଜଙ୍ଗଲ ଉପରେ ନିର୍ମାଣ ହେଉଛି। ଏହି ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି। ତେବେ ପ୍ରଶାସନିକ ଅଧିକାରୀ ଓ ଠିକା ସଂସ୍ଥା ଏହାକୁ ନ ମାନି ନିର୍ମାଣ କାର୍ଯ୍ୟ ଚାଲୁରଖିଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

**ଡେରାବିଶ, ୨୦।୯ (ସ୍ୱ.ପ୍ର.):** ଡେରାବିଶ ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତର ଆମ୍ବୁରା ଗ୍ରାମର ମନୋରଞ୍ଜନ ରାଉତଙ୍କ ସ୍ତ୍ରୀ ମଞ୍ଜୁଲତା(୩୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଘର କୋଣରେ ଥିବା ଏକ ସାପ ମଞ୍ଜୁଲତାଙ୍କୁ କାମୁଡ଼ି ଦେଇଥିଲା। ସେ ଏ ନେଇ ଘର ଲୋକଙ୍କୁ କହିବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଛି।

### ରକ୍ତଦାନ ଶିବିର

**କେନ୍ଦ୍ରାପଡା ଅଫିସ, ୨୦।୯:** ସହରର ଗୋପସ୍ଥିତ କମଳ ଭବନ ପରିସରରେ ଜିଲା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଉପଲକ୍ଷେ ଏକ ଶକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି କାର୍ଯ୍ୟକ୍ରମକୁ ରକ୍ତଦାତା ଅନ୍ନଦା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ବ୍ରଜସୁନ୍ଦର ଭୂଞ୍ଚାଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଭାଜପା ନେତା ଭୁବନମୋହନ ଜେନା, ବିବେକାନନ୍ଦ ମହାରଣା, ରମେଶ ଦାସ, ହେମନ୍ତ ପରିଡା, ଅମୃତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ ମେଳା

**କେନ୍ଦ୍ରାପଡା ଅଫିସ, ୨୦।୯:** କେନ୍ଦ୍ରାପଡା ବ୍ଲକ ଅଞ୍ଚଳର ହିତାଧିକାରୀଙ୍କୁ ବାସଗୃହ ଯୋଜନାର କାର୍ଯ୍ୟାଦେଶ ଶୁକ୍ରବାର ବଣ୍ଟନ ହୋଇଛି। ଏଥିପାଇଁ ଆୟୋଜିତ ମେଳାରେ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା,ଜ ବିଡିଓ ସୁଧିର କୁମାର ସିଂ, ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବାସଗୃହ ଯୋଜନାରେ ପ୍ରୋତ୍ସାହନ ରାଶି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟର ଏକ ଗୃହ ଉଦ୍‌ଘାଟନ ସହିତ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଞ୍ଚଳର ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ପରିଚାଳନା କରିଥିଲେ।

■ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର

# ଯାଞ୍ଚ ହେଉନି ସ୍କୁଲ ବ୍ୟାଗ, ପରିବହନ ଗାଡ଼ି

■ ସୁରକ୍ଷିତ ପରିବହନ ପ୍ରତି ଦୃଷ୍ଟି ଦେଉନି ପ୍ରଶାସନ
■ ଛୋଟ ଗାଡ଼ିରେ ଅସୁରକ୍ଷିତ ଭାବେ ଯାଉଛନ୍ତି ପିଲା
■ ଧାର୍ଯ୍ୟ ଓଜନଠାରୁ ଅଧିକ ବହି ବୋହୁଛନ୍ତି ଛାତ୍ରୀଛାତ୍ର



**କେନ୍ଦ୍ରାପଡା ଅଫିସ, ୨୦।୯**

କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିଭାଗ ପକ୍ଷରୁ ଛାତୀଛାତ୍ରଙ୍କ ସ୍କୁଲ ବ୍ୟାଗ ବୋଝର ନିର୍ଦ୍ଦିଷ୍ଟ ଓଜନ ପାଇଁ ୨୦୧୮ରେ ନିୟମ ହୋଇଛି। ରାଜ୍ୟ ସରକାର ୨୦୧୯ ମାର୍ଚ୍ଚ ୮ରେ ଏ ସମ୍ପର୍କରେ ଗାଇଡଲାଇନ ଜାରି କରିଥିବାବେଳେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଏହାକୁ ଲାଗୁ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ ଓଜନ ୧.୫ କି.ଗ୍ରା., ତୃତୀୟରୁ ପଞ୍ଚମ ଶ୍ରେଣୀ ପାଇଁ ୨ରୁ ୩ କି.ଗ୍ରା., ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ୪ କି.ଗ୍ରା. ଓ ୮ମରୁ ୧୦ମ ଶ୍ରେଣୀ ପିଲାଙ୍କ ସ୍କୁଲ ବ୍ୟାଗ ଓଜନ ୪.୫ରୁ ୫ କି.ଗ୍ରା. ପର୍ଯ୍ୟନ୍ତ ରହିବ।

ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ପରିବହନ ନୀତି-୨୦୧୬ ପ୍ରଣୟନ ହୋଇଛି। ଏହି ନୀତି ଅନୁଯାୟୀ, ସ୍କୁଲଠାରୁ ଜିଲାସ୍ତରୀୟ ପର୍ଯ୍ୟନ୍ତ କମିଟି ଗଠନ ହେବ। ଏଥିରେ ସ୍କୁଲ ପ୍ରଧାନ ଶିକ୍ଷକ, ପୋଲିସ ସବ ଇନ୍ସପେକ୍ଟର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜଣେ କର୍ମକର୍ତ୍ତା, ସ୍ଥାନୀୟ ଏମ୍‌ଭିଆଇ ଓ ଜଣେ ଅଭିଭାବକ ସଦସ୍ୟ ଭାବେ ରହିବେ। ଛୋଟ ଗାଡ଼ି ପରିବର୍ତ୍ତେ ସ୍କୁଲ ବସ୍ ନିୟୋଜିତ ହେବ। ବସରେ ରିଫ୍ଲେକ୍ଟିଂ ଟେପ୍, ଫିଟ୍‌ନେସ, ବୀମାପତ୍ର, ଧୂଆଁ (ପଲ୍ୟୁସନ) ସାର୍ଟିଫିକେଟ ଓ ଡ୍ରାଇଭିଂ ଲାଇସେନ୍ସ ଠିକ୍ ଥିବା ଆବଶ୍ୟକ। ଡ୍ରାଇଭର ଉତ୍ତମ ସ୍ୱଭାବର ହେବା ଅବଶ୍ୟକ ଥିବାବେଳେ ଅଭିଜ୍ଞତା ଓ ଦାୟିତ୍ୱ ସମ୍ପନ୍ନ ହାଇଥିବେ। ହେଲେ କେନ୍ଦ୍ରାପଡ଼ା ଜିଲାରେ ଏହି ନିୟମ ଅଦ୍ୟାବଧି ଲାଗୁ ହୋଇନାହିଁ। ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ଓଜନର ବ୍ୟାଗ ବହନ କରୁଛନ୍ତି। ସେହିପରି ପିଲାମାନଙ୍କୁ ଛୋଟ ଗାଡ଼ିରେ ଅସୁରକ୍ଷିତ ଭାବେ ସ୍କୁଲକୁ ନିଆଯାଉଛି। ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ଏ ନେଇ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏଥିସହିତ ସ୍କୁଲ ପରିବହନରେ ନିୟୋଜିତ ମୋଟରଯାନର ଫିଟନେସ, ଡ୍ରାଇଭିଂ ଲାଇସେନ୍ସ ଆଦି ତନଖି କରିବାକୁ ଅଭିଭାବକମାନେ କହିଛନ୍ତି।

**ଏମାନେ କୁହନ୍ତି**

“ଶିକ୍ଷା ଅଧିକାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ନୀତି ନିୟମ ପ୍ରଣୟନ କରୁଛନ୍ତି। ତେବେ ଏହାକୁ ବେସରକାରୀ ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଉନି। ଗୁଣାତ୍ମକ ଶିକ୍ଷା ପାଇଁ ପିଲାଙ୍କ ଉପରେ ପକାଯାଉଥିବା ଚାପ ସମ୍ପୂର୍ଣ୍ଣ ଉଚ୍ଛେଦ ହେବା ଆବଶ୍ୟକ। ସ୍କୁଲ ବ୍ୟାଗ ବୋଝ ଓ ସୁରକ୍ଷିତ ପରିବହନକୁ ଜିଲା ପ୍ରଶାସନ ନଜର ଦେବା ନିହାତି ଜରୁରୀ ହୋଇପଡ଼ିଛି।

*–ଅମରବର ବିଶ୍ୱାଳ, ସାମାଜିକ କର୍ମୀ*

“ଜିଲାରେ ଏବେ ଛତୁ ଫୁଟିଲା ପରି ବେସରକାରୀ ବିଦ୍ୟାଳୟ ଖୋଲୁଛି। ପ୍ରତି ବେସରକାରୀ ସ୍କୁଲରେ ଯାଞ୍ଚ କଲେ ଟ୍ୟାକ୍ସ ଫାଙ୍କୁ ଥିବା ଛୋଟ ଗାଡ଼ି ବିଦ୍ୟାର୍ଥୀ ପରିବହନ ପାଇଁ ଲାଗିଥିବା ଜଣାପଡିବ। ଏଥିସହିତ ଅନଭିଜ୍ଞ ଚାଳକଙ୍କ ପାଇଁ ପରିବହନ ବିଭାଗର କୌଣସି କଟକଣା ନାହିଁ। ସହର ମଧ୍ୟରେ ଦିନ ସମୟରେ ଭାରିଯାନ ଚଳାଚଳ ବନ୍ଦ ପାଇଁ ଜିଲା ପ୍ରଶାସନ ନିୟମ କରିଛନ୍ତି। ଏହାକୁ ତନଖି ପାଇଁ ପୋଲିସ ଓ ପରିବହନ ବିଭାଗ କେବେହେଲ ତତ୍ପରତା ପ୍ରକାଶ କରିନାହାନ୍ତି। ତେବେ ବିଦ୍ୟାର୍ଥୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ହୋଇଥିବା ଏହି ନିୟମ କାର୍ଯ୍ୟକାରୀ ହେବା ଉଚିତ।

*–ରବିନାରାୟଣ ପତି, ଅବସରପ୍ରାପ୍ତ ଶିକ୍ଷକ*

“ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ପାଇଁ ଅଟୋ, ମ୍ୟାଜିକ ଆଦି ଛୋଟଗାଡିର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ବର୍ଷର ପରିବହନ ଖର୍ଚ୍ଚ ଆଗୁଆ ନିଆଯାଏ। ଏଥିପାଇଁ ବସ୍ ଉପଯୋଗ କରାଗଲେ ଦେୟ ଅଧିକ ରହିବ। କାରଣ ଛୋଟଗାଡି ବର୍ଷକରେ ୧୦ ମାସ ସ୍କୁଲ ପାଇଁ ସମୟ ଦେଉଥିବା ବେଳେ ଅନ୍ୟ ସମୟରେ ସହରରେ ଚଳାଚଳ କରି ରୋଜଗାର କରିଥାନ୍ତି।

*–ସହରସ୍ଥିତ ଏକ ବେସରକାରୀ ସ୍କୁଲ ପରିଚାଳକ*

“ଛାତ୍ରୀଛାତ୍ରଙ୍କ ବ୍ୟାଗ ବୋଝ ଓ ସୁରକ୍ଷିତ ପରିବହନ ସମ୍ପର୍କରେ ବୈଠକ ହୋଇଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। କୌଣସି ସ୍କୁଲ କର୍ତ୍ତୃପକ୍ଷ ଏହି ନିୟମ ଭଙ୍ଗ କରୁଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ।

*–ଜିଲାପାଳ, ସମର୍ଥ ବର୍ମା*

### ପଟ୍ଟାମୁଣ୍ଡାଇ ବଜାରରେ ଯୋଗାଣ ବିଭାଗର ଚଢ଼ାଉ

୧୧ ଗ୍ୟାସ୍ ସିଲିଣ୍ଡର ଜବତ, ୧୩, ୫୦୦ ଜରିମାନା ଆଦାୟ

**ପଟ୍ଟାମୁଣ୍ଡାଇ, ୨୦।୯ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବଜାରରେ ଥିବା ବିଭିନ୍ନ ଦୋକାନ ଉପରେ ଜିଲା ଯୋଗାଣ ବିଭାଗ, ମାପ ଓ ଓଜନ ଏବଂ ଖାଦ୍ୟ ନିରୀକ୍ଷଣ ବିଭାଗ ପକ୍ଷରୁ ଶୁକ୍ରବାର ଅଚାନକ ଚଢାଉ କରାଯାଇଥିଲା। ବଜାରସ୍ଥିତ ତାହିର ମହମ୍ମଦଙ୍କ ଦୋକାନରେ ବ୍ୟବହୃତ ୧୧ଟି ଘରୋଇ ଗ୍ୟାସ ସିଲିଣ୍ଡର ସହିତ ୧୪.୨ କେଜି ଏଲପିଜି ଗ୍ୟାସ୍ ଜବତ କରାଯାଇଥିଲା। ଆଳୁ ଓ ପିଆଜ ଦୋକାନରେ ଚଢାଉ କରାଯାଇ ଆଳୁ ୧୨ରୁ ୧୪ ଟଙ୍କା ଓ ପିଆଜ ୪୫ ରୁ ୫୦ ଟଙ୍କା ଭିତରେ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ୭ଟି ହୋଟେଲ ଏବଂ ୨୦ ଟି ଫାଷ୍ଟଫୁଡ୍ ଦୋକାନରେ ଖାଦ୍ୟ ସୁରକ୍ଷା ନିରୀକ୍ଷକ ଚଢାଉ କରିଥିଲେ। ସେହିପରି ୬ଟି ମାଛ, ମାଂସ ଓ ଚିକେନ କେନ୍ଦ୍ର ଉପରେ ମାପ ଓଜନ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୩, ୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ସହକାରୀ ଯୋଗାଣ ଅଧିକାରୀ ଭବାନୀ ପ୍ରସାଦ ଦାସ, ଜିଲା ଖାଦ୍ୟ ସୁରକ୍ଷା ନୀରିକ୍ଷକ ସମିତା ଦାସ, ଜିଲା ଶ୍ରମ ବିଭାଗ ଅଧିକାରୀ ସୁରେଖା ରଥ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

## କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କରେ ଅନିୟମିତତା

■ ତଦନ୍ତ ନିର୍ଦ୍ଦେଶ ଦେଲେ ରେଜିଷ୍ଟ୍ରାର

**କେନ୍ଦ୍ରାପଡା ଅଫିସ, ୨୦।୯**

କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ନିଯୁକ୍ତି ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ କାର୍ଯ୍ୟରେ ଅନିୟମିତତା ଦର୍ଶାଇ ସଭ୍ୟ ସ୍ମୃତିରଞ୍ଜନ ବେହେରା ଗତ ୭ ତାରିଖରେ ଭୁବନେଶ୍ୱରସ୍ଥିତ କୋଅପରେଟିଭ ସୋସାଇଟି ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ। ତେବେ ଏହାର ତଦନ୍ତ ପାଇଁ ଜଏଣ୍ଟ ରେଜିଷ୍ଟ୍ରାର ଗତ ୧୬ ତାରିଖରେ ଚିଠି (ନଂ.-୨୦୦୬୦) କରିଛନ୍ତି। ଅଭିଯୋଗର ତଦନ୍ତ କରି ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଡେପୁଟି ରେଜିଷ୍ଟ୍ରାରଙ୍କୁ ଚିଠି ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ସ୍ମୃତିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶିଲ କୁମାର ସାମଲ ମନମୁତାବକ କର୍ମଚାରୀ ନିଯୁକ୍ତ କରିଛନ୍ତି। ଯାହାସମବାୟ ସମିତି ନୀତି ନିୟମ ବହିର୍ଭୂତ। ନିଯୁକ୍ତ କର୍ମଚାରୀଙ୍କ ପରୀକ୍ଷା କରାଯାଇ ନଥିବା ବେଳେ ଏମାନେ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକଙ୍କ ସମ୍ପର୍କୀୟ ବୋଲି ସୂଚନା ମିଳିଛି। ସେହିପରି ୨୦୧୩ରେ ସ୍ଥାନୀୟ ଅଞ୍ଚଳର ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ୬୫ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଇଥିବା ବେଳେ ଏଥିପାଇଁ ଯୋଗ୍ୟ ସିକ୍ୟୁରିଟି ରଖାଯାଇନାହିଁ। ପ୍ରଭାସଙ୍କ ଚେକ ବାଉନସ ହୋଇଥିବା ବେଳେ ଏ ନେଇ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ କୋର୍ଟରେ ମାମଲା ରୁଜୁ କରୁନାହାନ୍ତି। ସେହିପରି ୨୦୧୪ରେ ଏହି ଅଧିକାରୀ କେତେକ କାଗଜପତ୍ରରେ ଅନିୟମିତତା କରିଥିବା ସ୍ମୃତିରଞ୍ଜନ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ମୃତିରଞ୍ଜନ ଉଲ୍ଲେଖ କରିଛନ୍ତି। ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମଲଙ୍କୁ ପଚାରିବାରେ କର୍ମଚାରୀ ବ୍ୟାଙ୍କରେ କର୍ମଚାରୀ ନିଯୁକ୍ତି ହୋଇଛି। ମାତ୍ର ତଦନ୍ତ ନିର୍ଦ୍ଦେଶ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

■ ପଟ୍ଟାମୁଣ୍ଡାଇ ହାଜତ ମୃତ୍ୟୁ ମାମଲା

## ‘୨୦ ଲକ୍ଷ କ୍ଷତିପୂରଣ ମିଳୁ’

**କେନ୍ଦ୍ରାପଡା ଅଫିସ, ୨୦।୯**

ପଟ୍ଟାମୁଣ୍ଡାଇ ହାଜତ ମୃତ୍ୟୁ ଘଟଣାରେ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ସହରର ଦୁହୁରିଆସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ଭୁବନମୋହନ ଜେନା, ବରିଷ୍ଠ କର୍ମକର୍ତ୍ତା ସୁନାକର ବେହେରା, ଗଗନବିହାରୀ ସାହୁ, ସଲିମ ଖାଁ ଏହି ସମ୍ମିଳନୀରେ ଯୋଗ ଦେଇ ହାଜତ ମୃତ୍ୟୁର ଶିକାର ଅରଡପଲ୍ଲୀ ଗ୍ରାମର ସୁଶାନ୍ତ ବେହେରାଙ୍କ ପରିବାର ସଦସ୍ୟଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି। ଏଥିସହିତ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନେ ଦର୍ଶାଇଥିଲେଯେ, କେନ୍ଦ୍ରାପଡା ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତିଦିନକୁଦିନ ବିଗୁଡୁଛି। ଏହିସମସ୍ୟାର ସମାଧାନ କରି ପାରୁ ନଥିବା ଜିଲା ପୋଲିସ ସୁଶାନ୍ତଙ୍କୁ ପିଟିପିଟି ମାରି ଦେଇଛନ୍ତି। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ସଦସ୍ୟ ବେସାହାରା ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା ଏହି ପରିବାର ପ୍ରତି ଯଥେଷ୍ଟ ନୁହେଁ। ପରିବାର ସଦସ୍ୟଙ୍କ ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲା ଭାଜପା ଆନ୍ଦୋଳନ କରିବେ ବୋଲି ସମ୍ମିଳନୀରେ ଖବରଦାତାଙ୍କୁ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

■ ଦେଢ଼ବର୍ଷ ହେଲା ଛୁଟିରେ ପ୍ରଧାନଶିକ୍ଷକ

## ଶ୍ରେଣୀଗୃହରେ ତାଲା ପକାଇଲେ ଅଭିଭାବକ


ସ୍କୁଲ ବାରଣ୍ଡାରେ ଛାତ୍ରୀଛାତ୍ରମାନେ।

**ଡେରାବିଶ, ୨୦।୯ (ସ୍ୱ.ପ୍ର.)**

ଦୀର୍ଘ ଦେଢ ବର୍ଷ ହେଲା ଡେରାବିଶ ବ୍ଲକ ଅଧୀନ ବାରିମୂଳ ପଞ୍ଚାୟତସ୍ଥିତ ତିଲୋତ୍ତମାଦେଇପୁର ନିମ୍ନ ମୌଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛୁଟିରେ ଅଛନ୍ତି। ଫଳରେ ସ୍କୁଲରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ବି କିଛି ସୁଫଳ ମିଳିନି। ଏହାର ପ୍ରତିବାଦରେ ଶୁକ୍ରବାର ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଶ୍ରେଣୀଗୃହରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ସ୍କୁଲ ଶିକ୍ଷୟିତ୍ରୀଙ୍କଠାରୁ ସୂଚନା ପାଇ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ବୁଝାଶୁଝା କରିଥିଲେ। ଏଥିସହ ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଉପରିସ୍ଥ ଅଧିକାରୀଙ୍କୁ ସୁପାରିଶ କରି ଉକ୍ତ ସ୍କୁଲର ସହକାରୀ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଶ୍ରେଣୀଗୃହରୁ ତାଲା ଖୋଲିଦେଇଥିଲେ।

## ସ୍କୁଲ ପରିଦର୍ଶନ କଲେ ବିଧାୟକ

**ରାଜନଗର, ୨୦।୯ (ଡି.ଏନ୍.ଏ.)**

ରାଜନଗର ବିଧାୟକ ଧ୍ରୁବ ସାହୁ ଶୁକ୍ରବାର ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତ। ଏହି ଅବସରରେ ସେ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ତୁରନ୍ତ ଏହାର ସମାଧାନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ବିଧାୟକ ସାହୁ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ର, ପରିଚାଳନା କମିଟି ସଭାପତି ସମୀର ପ୍ରକାଶ ବେହେରା, ଖମାରସାହି ସରପଞ୍ଚ ରତିକାନ୍ତ ସେଠୀ, ପରିଚାଳନା କମିଟି ସଭ୍ୟ ଦୋଳଗୋବିନ୍ଦ ଦାସ, କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

■ ମଧ୍ୟାହ୍ନଭୋଜନ ତଥ୍ୟ ପ୍ରଦାନରେ ଅବହେଳା

## ୩୫ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ

**ରାଜନଗର, ୨୦।୯ (ଡି.ଏନ୍.ଏ.)**

ପ୍ରତିଦିନ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଓ ମଧ୍ୟାହ୍ନଭୋଜନ ଖାଉଥିବା ପିଲାଙ୍କ ଠିକ୍ ତଥ୍ୟ ମଧ୍ୟାହ୍ନଭୋଜନ ପୋର୍ଟାଲକୁ ପଠାଇବାର ନିୟମ ରହିଛି। ହେଲେ ରାଜନଗର ବ୍ଲକର ବିଭିନ୍ନ ସ୍କୁଲରେ ପ୍ରଧାନଶିକ୍ଷକମାନେ ଏହି ନିୟମ ମାନୁ ନହାନ୍ତି, ଯାହାଫଳରେ ୩୫ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଅଗଷ୍ଟ ଓ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ପୋର୍ଟାଲକୁ ତଥ୍ୟ ପଠାଇ ନ ଥିବା ବେଳେ ୧୫ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିଲା। ସେହିପରି ଚଳିତମାସ ୧୬ ତାରିଖରେ ୩୫ ସ୍କୁଲର ପ୍ରଧାନଶିକ୍ଷକ ମଧ୍ୟାହ୍ନଭୋଜନ ତଥ୍ୟ ସମ୍ପର୍କିତ ରିପୋର୍ଟ ପୋର୍ଟାଲକୁ ପଠାଇ ନଥିଲେ। ଫଳରେ ବ୍ଲକର କପିଳେଶ୍ୱର ଉପ୍ରା ବିଦ୍ୟାଳୟ, କିଆଯୋରି ପ୍ରାଥମିକ ବିଦ୍ୟାଳୟ, କୁସୁନପୁର ପ୍ରାଥମିକ ବିଦ୍ୟାଳୟ, ଲୋକନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟ, ସିଦ୍ଧେଶ୍ୱରୀ ଉପ୍ରା ବିଦ୍ୟାଳୟ, ମଧପଡା ଗୋବିନ୍ଦପୁର ୟୁଜିୟୁପି, ଭିତରଗଡ ନୀଳକଣ୍ଠେଶ୍ୱର ୟୁପି ସ୍କୁଲ, ନୂଆଗାଁ ୟୁଜିୟୁପି, ପଟ୍ଟାପାରିଆ ପିୟୁପିଏସ, ବାଘମାରୀ ୟୁଜିୟୁପି, ବାହାରଗଡ ପ୍ରାଥମିକ ବିଦ୍ୟାଳୟ, ବଳରାମପୁର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ବାଲିକଣା ୟୁଜିୟୁପି, ବାଲିସାହିପାଟଣା ପ୍ରାଥମିକ ବିଦ୍ୟାଳୟ, ଭଗବାନପୁର ପ୍ରାଥମିକ ବିଦ୍ୟାଳୟ, ସମେତ ୩୫ ସ୍କୁଲର ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି। ଏଥିସହ ବଡପଲ୍ଲୀ ନୋଡାଲ ହାଇସ୍କୁଲ, ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାଳୟ, ପଞ୍ଚୁବରାହୀ ନୋଡାଲ ଶିକ୍ଷା ନିକେତନ, କୁଷାଇଲୋ ପ୍ରାଥମିକ ବିଦ୍ୟାଳୟ, କଣଷରା ବିଦ୍ୟାଶ୍ରମର ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି।

## ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

**ମାର୍ଶାଘାଇ, ୨୦।୯(ଡି.ଏନ୍.ଏ.)**



ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକଗଣ।

ମାର୍ଶାଘାଇ ବ୍ଲକ ଶାସନିପଡ଼ାସ୍ଥିତ ଶ୍ରୀସିଦ୍ଧେଶ୍ୱର ହାଇସ୍କୁଲ ପରିସରରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ସଫେଇ କରିଥିଲେ। ଏହାପରେ ଏକ ଅନୁଷ୍ଠିତ ଆଲୋଚନାଚକ୍ରରେ ‘ପୃଥିବୀ ଫୁସ୍‌ଫୁସ୍‌ରେ ଲାଗିଛି ନିଆଁ’ ଉପରେ ଆଲୋଚନା ହୋଇଥିଲା। ଆମାଜନ ଜଙ୍ଗଲରେ ଲାଗିଥିବା ନିଆଁ ଯୋଗୁ ପରିବେଶ ନଷ୍ଟ ହେବା ସହ ଅନେକ ଜୀବଜନ୍ତୁ ପୋଡ଼ିଯଛନ୍ତି। ତେଣୁ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ପ୍ରତ୍ୟେକ ମଣିଷ ଗଛ ଲଗାଇବା ସହ ଏହାର ଯତ୍ନ ନେବା ଆବଶ୍ୟକ ବୋଲି ଆଲୋଚକଗଣ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରକୃତି ବନ୍ଧୁ ଦ୍ୱାରିକା ନାଥ ସେନାପତି ମୁଖ୍ୟଅତିଥି, ଭଞ୍ଜକିଶୋର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍କୁଲ ଇକୋ କ୍ଲବର ବିଜ୍ଞାନ ସଂଯୋଜକ ନବଘନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିବେଶ ପ୍ରଦୂଷଣର ଭୟାବହତା ଓ ଏହା ପ୍ରଭାବରେ ଆଗାମୀ ଦିନରେ ଜୀବ ଜଗତ ଏବଂ ମାନବ ସମାଜ ଉପରେ ପଡ଼ିବାକୁ ଯାଉଥିବା ବିପଦ ଉପରେ ଆଲୋଚନା ହୋଇଥିଲା। ଶିକ୍ଷକ ଆଶୁତୋଷ ମହାପାତ୍ର, କ୍ଷୀରୋଦ ସେନାପତି, ପ୍ରଶାନ୍ତ ବେହେରା, ଦିଲୀପ ଲେଙ୍କା, କର୍ମଚାରୀ ଅନିରୁଦ୍ଧ ନାୟକ, ଅକ୍ଷୟ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

■ ସ୍କୁଲରେ ଦଳିତ ଛାତ୍ରଙ୍କୁ ଅସଦାଚରଣ ଘଟଣା

## ଶିକ୍ଷକ ନିଲମ୍ବିତ, ପ୍ରତିବାଦରେ ରାସ୍ତାରୋକୋ

**ଡେରାବିଶ, ୨୦।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କ ନୋଡାଲ୍ ହାଇସ୍କୁଲରେ ଜନୈକ ଦଳିତ ଛାତ୍ରଙ୍କୁ ଅସଦାଚରଣ କରାଯିବା ଘଟଣାରେ ସମ୍ପୃକ୍ତ ଶିକ୍ଷକ ମନୋଜ କୁମାର ନାୟକଙ୍କୁ ଜିଲା ଶିକ୍ଷାଧିକାରୀ (ଡିଇଓ) କଳ୍ପନା ବେହେରା ନିଲମ୍ବିତ କରିଛନ୍ତି। ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ଅଭିଯୋଗକ୍ରମେ ଡିଇଓ ଚିଠି ନଂ.-୯୮୫୬ରେ ଅଭିଯୁକ୍ତ ଶିକ୍ଷକଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉକ୍ତ ଚିଠି ମାଧ୍ୟମରେ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଥାନାରେ ଏତଲା ଦେବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ଅପରପକ୍ଷେ ଶିକ୍ଷକଙ୍କ ନିଲମ୍ବନ ନିର୍ଦ୍ଦେଶକୁ ବିରୋଧ କରି ଶୁକ୍ରବାର ପୂର୍ବାହ୍ନରେ ସ୍କୁଲ ଫାଟକ ସମ୍ମୁଖ ରାସ୍ତା ଅବରୋଧ କରାଯାଇଥିଲା। ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ସମେତ ସେହି ସ୍କୁଲର କେତେକ ଛାତ୍ରୀଛାତ୍ର ଏହି ରାସ୍ତାରୋକୋ କରିଥିଲେ। ନିଲମ୍ବନ ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ ଦାବି କରି ଆନ୍ଦୋଳନକାରୀମାନେ ଦୀର୍ଘ ସମୟ ଧରି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ସୂଚନାଯୋଗ୍ୟ, ଗତ ଶନିବାର ନିଲମ୍ବିତ ଶିକ୍ଷକ ମନୋଜ ସମ୍ପୃକ୍ତ ଛାତ୍ରଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ଛାତ୍ର ଜଣକ କ୍ଷତାକ୍ତ ହୋଇଥିବା ନେଇ ପରିବାର ଲୋକଙ୍କୁ ଜଣାଇବା ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ସମ୍ପୃକ୍ତ ଶିକ୍ଷକଙ୍କଠାରୁ ୧ଲକ୍ଷ ଟଙ୍କା ନେଇ ମାମଲା ରଫାଦଫା କରିବାକୁ ଚେଷ୍ଟା କରୁଥିବା ଖବର ଚାରିଆଡେ ପ୍ରଚାରିତ ହୋଇଥିଲା। ଏହାପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସ୍ମିତାଞ୍ଜଳି ମହାପାତ୍ର ନିଜ ଆଡୁ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତାଙ୍କ ରିପୋର୍ଟ ଆଧାରରେ ଜିଲାପାଳ ସମର୍ଥ ବର୍ମା ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଡକାଇ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଅସଦାଚରଣର ଶିକାର ହୋଇଥିବା ଛାତ୍ର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ କହିଛନ୍ତି, ସମ୍ପୃକ୍ତ ଶିକ୍ଷକ ତାଙ୍କୁ ଅସଦାଚରଣ କରିନାହାନ୍ତି। ବରଂ ବେତରେ ମାଡ଼ ମାରୁଥିବା ବେଳେ ସେ ଗୁରୁତର ହୋଇଥିଲେ।

ଏ ସମ୍ପର୍କରେ ଡିଇଓ ବେହେରାଙ୍କୁ ପଚାରିବାରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ରିପୋର୍ଟ ଆଧାରରେ ଅଭିଯୁକ୍ତ ଶିକ୍ଷକ ମନୋଜଙ୍କୁ ନିଲମ୍ବିତ କରାଯାଇଛି। ତେବେ ଏ ଘଟଣାର ଅଧିକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ନିଲମ୍ବନ ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ କରାଯାଇଥିବା ରାସ୍ତାରୋକୋ ସମ୍ପର୍କରେ କିଛି ଜାଣି ନ ଥିବା ଡିଇଓ ବେହେରା କହିଛନ୍ତି।

ଧରିତ୍ରୀ
DHARITRI



# ନିର୍ମାଣର ୬ ମାସରେ ଭୁଶୁଡ଼ିଲା ରାସ୍ତା

## ମାହାଙ୍ଗା ପୂର୍ତ୍ତ ବିଭାଗ ଦୁର୍ନୀତି



- ୧୨ କୋଟି ବ୍ୟୟରେ ନିର୍ମାଣ ହୋଇଥିଲା
- ଘଟଣାକୁ ଲୁଚାଇବାକୁ ତାଳିପକା କାର୍ଯ୍ୟ ଆରମ୍ଭ
- ଅଧିକାରୀ, ଠିକାଦାରଙ୍କ କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ଚଣ୍ଡିଖୋଲ,୨୦।୯(ଡି.ଏନ.ଏ)

ଯାଜପୁର ଜିଲା ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ମାହାଙ୍ଗା ପୂର୍ତ୍ତ ବିଭାଗ ସବ୍‌ଡିଭିଜନରେ ରାସ୍ତା ନିର୍ମାଣରେ କିପରିଭାବେ ଦୁର୍ନୀତି ହୋଇଛି ତାର ଗୋଟିଏ ପରେ ଗୋଟିଏ ଘଟଣାର ପର୍ଦ୍ଦାଫାଶ ହେବାରେ ଲାଗିଛି। ଗୁପ୍ତ ଟେଣ୍ଡର ମାଧ୍ୟମରେ କୋଟିକୋଟି ଟଙ୍କା ହରିଲୁଟ ହୋଇଥିବାବେଳେ ରାସ୍ତା ନିର୍ମାଣ କାର୍ଯ୍ୟ କେତେ ନିମ୍ନମାନର ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ସରକାରଙ୍କ କୋଟିକୋଟି ଟଙ୍କାକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ଚଳୁ କରିଦେଇଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି କୁଆଁପାଳ-ଗୋପିନାଥପୁର ରାସ୍ତା। ଏହି ରାସ୍ତାଟି ୧୨କୋଟି ଟଙ୍କା ବ୍ୟୟରେ କୁଆଁପାଳଠାରୁ ଭେଡ଼ା ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ରାସ୍ତା ନିର୍ମାଣ ଶେଷ ହେବାର ମାତ୍ର ୬ମାସରେ ରାସ୍ତାର ଗୋଟିଏ ପାର୍ଶ୍ୱର ତିନିଫୁଟ ଦବି ଯାଇଛି। ତେବେ ଗତ ୮ତାରିଖରେ ଘଟିଥିବା ଏହି ଘଟଣାକୁ ଲୁଚାଇବା ପାଇଁ ପୂର୍ତ୍ତବିଭାଗ ତରଫରୁ ଶୁକ୍ରବାର ତାଳିପକା କାର୍ଯ୍ୟ ଆରମ୍ଭ ହୋଇଛି। କିପରି ଫାଟ ଦେଖା ନ ଯିବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଫାଟ ସ୍ଥାନରେ ପ୍ରଲେପ ଦେବା ଆରମ୍ଭ କରିଛନ୍ତି।

ସୂଚନା ଥାଉକି ଏହି ରାସ୍ତା ନିର୍ମାଣରେ ୨୦୧୬-୧୭ ଆର୍ଥିକ ବର୍ଷରେ ଗୁପ୍ତ ଟେଣ୍ଡର ମାଧ୍ୟମରେ ୨ଲକ୍ଷ୯୮ହଜାର ୮୮୮ ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ୭ଟି ଗୁପ୍ତ ଟେଣ୍ଡର ମାଧ୍ୟମରେ ୩୦ଲକ୍ଷ ୬ହଜାର ୬୪୦ ଟଙ୍କା ଖର୍ଚ୍ଚ କରାଯାଇଥିବା ବିଭାଗ ତରଫରୁ ଦର୍ଶାଯାଇଛି। ଏହାବାଦ କୁଆଁପାଳ ଠାରୁ ଗୋପିନାଥପୁର ପର୍ଯ୍ୟନ୍ତ ଦୀର୍ଘ ୧୬ କିମି ରାସ୍ତା ଟେଣ୍ଡର ମାଧ୍ୟମରେ ୧୨କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୦୧୯ ମାର୍ଚ୍ଚ ମାସରେ କାର୍ଯ୍ୟ ଶେଷ ହୋଇଛି ବୋଲି ବିଭାଗ ତରଫରୁ ଦର୍ଶାଯାଇଛି। ତେବେ ରାସ୍ତା ନିର୍ମାଣ ନାମରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ରାସ୍ତା ନିର୍ମାଣ ଶେଷ ହେବାର ମାତ୍ର ୬ମାସରେ ଭେଡ଼ା ନିକଟରେ ଦୀର୍ଘ ୨ଶହ ମିଟର ରାସ୍ତା ଫାଟି ୩ଫୁଟ ଦବିଯିବା ଘଟଣା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହି ରାସ୍ତା ଦବିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାସ୍ତାରୋକୋ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏହାପରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଏନ୍‌ସି ପାଲ ଓ କଟକ ସର୍କଲ ଅଧିକ୍ଷଣ ଯନ୍ତ୍ରୀ ଫକୀର ପାଣିଗ୍ରାହୀ ଗତ ୧୧ ତାରିଖରେ କ୍ଷେତ୍ର ପରିଦର୍ଶନ କରି ବିରକ୍ତି ପ୍ରକାଶ କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି ସୂଚନା ଦେଇଥିଲେ। ଏପରି କି ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନାଙ୍କୁ କୈଫିୟତ ତଲବ କରିଥିଲେ। ତେବେ ଅଧିକ୍ଷଣ ଯନ୍ତ୍ରୀଙ୍କ ତାଗିଦ୍‌ର ୮ଦିନ ପରେ ବିଭାଗ ତରଫରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସେପଟେ କାହିଁକି ରାସ୍ତା ଏପରି ଦବିଲା ତାର ତଦନ୍ତ ଜାରି ରହିଛି। ଏସଂପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ମହାପାତ୍ରଙ୍କୁ ପଚାରିବାରେ ସେ କୁହନ୍ତି ଘଟଣାର ତଦନ୍ତ ଚାଲିଛି। ଖୁବ ଶୀଘ୍ର ରିପୋର୍ଟ ଆସିବ।

# ନାବାଳିକା ଉଦ୍ଧାର, ଅପହର୍ତ୍ତା କୋର୍ଟ ଚାଲାଣ

**କୋରେଇ,୨୦।୯(ସ୍ୱ.ପ୍ର):** ପାଣିକୋଇଲି ପୋଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହର୍ତ୍ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଭଦ୍ରକ ଜିଲା ଭଣ୍ଡାରୀ ପୋଖରୀ ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ମାମୁ ଘର ପାଣିକୋଇଲି ଥାନା ପଥରପଦା ଗ୍ରାମକୁ ଆସିଥିଲେ। ମାତ୍ର ଗତ ୧୨ ତାରିଖ ସେଠାରୁ ସେ ନିଖୋଜ ହୋଇଯିବାରୁ ତାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୧୭୧/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ମୁତାବକ କଟକ ସିଟି ହସ୍‌ପିଟାଲ ନିକଟରୁ ଅପହରଣକାରୀ ଓ ଉକ୍ତ ନାବାଳିକାଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ନାବାଳିକାଙ୍କୁ ତାଙ୍କ ପରିବାରକୁ ଜିମା ଦିଆଯାଇଥିବାବେଳେ ଅପହର୍ତ୍ତା ଜଗତସିଂହପୁର ଜିଲା ଏରସମା ଥାନା କୋଟିଳାବେଦୀ ଦୁର୍ଗାପୁର ଗ୍ରାମର ରାଜେଶ ସ୍ୱାଇଁ(୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।




# ଗରମ ପାଣିରେ ପଡ଼ି ଅଙ୍ଗନୱାଡି ଶିଶୁ ଗୁରୁତର

ବରୀ,୨୦।୯(ସ୍ୱ.ପ୍ର)

ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଜଣେ ୪ବର୍ଷର ଶିଶୁ ଗରମ ପାଣିରେ ପଡ଼ି ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁବାର ବରୀ ବ୍ଲକ ଗୋଳକୁଣ୍ଡ ପଞ୍ଚାୟତ ୧ନଂ ଅଙ୍ଗନୱାଡ଼ି କେନ୍ଦ୍ରରେ ୧୦ଜଣ ଶିଶୁଙ୍କୁ ନେଇ କର୍ମୀ କେନ୍ଦ୍ର ପରିଚାଳନା କରୁଥିଲେ। ଏହି ସମୟରେ ସାଇସ୍ମିତା ସାମଲ (୪) ରୋଷେଇ ହେବାକୁ ଥିବା ଗରମ ପାଣିରେ ପଡ଼ି ଗୁରୁତର ହୋଇଛନ୍ତି। ଏନେଇ ସ୍ଥାନୀୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲାବେଳେ ପରିବାର ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଇସ୍ମିତାଙ୍କ ଚିକିତ୍ସା କରାଇଛନ୍ତି। ଶୁକ୍ରବାର ସୁପରଭାଇଜର ସୁଜାତା ବେହେରା କେନ୍ଦ୍ରରେ ପହଞ୍ଚି ତଦନ୍ତ କରିବା ପରେ କର୍ମୀ ସୁରଭି ଜେନାଙ୍କ ଖାମଖିଆଲି ଯୋଗୁ ଶିଶୁ ଜଣକ ଗରମ ପାଣିରେ ପଡ଼ିଯାଇଥିବା ଜାଣିବାକୁ ପାଇଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବେହେରା ସୂଚନା ଦେଇଛନ୍ତି। ଏହା ସହିତ ଏହି କେନ୍ଦ୍ରର ଅଧିକାଂଶ ସମୟରେ ରୋଷେଇ କରାଯାଏ ନାହିଁ ବୋଲି ତଦନ୍ତରୁ ଜାଣିବାକୁ ପାଇଛନ୍ତି। ଏ ସଂକ୍ରାନ୍ତରେ କର୍ମୀ ସୁରଭି ଜେନାଙ୍କୁ ପଚାରିବାରୁ, ପିଲାମାନେ ପେଲାଠେଲା ହେବାରୁ ଶିଶୁଟି ଗରମ ପାଣିରେ ପଡ଼ିଯାଇଥିଲା। ଚିକିତ୍ସା ପାଇଁ ଶିଶୁଙ୍କ ମା' ସତ୍ୟଭାମା ସାମଲଙ୍କୁ ୨୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ ବି ସେ ତାହାକୁ ଗ୍ରହଣ କରି ନ ଥିଲେ ବୋଲି କହିଛନ୍ତି।

## ଡେଙ୍ଗୁରେ ପୁଣି ୪ ଆକ୍ରାନ୍ତ

ବାଲିଆପାଳ, ୨୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଳାଡିହା ପଞ୍ଚାୟତ ଚାନ୍ଦମଣି ଗ୍ରାମରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ପୂର୍ବରୁ ଚାନ୍ଦମଣି ଗ୍ରାମରେ ଡେଙ୍ଗୁରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଏବେ ୧୨ଜଣଙ୍କର ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ ଥିବା ଜଣାପଡଥିବାବେଳେ ଶୁକ୍ରବାର ଚାନ୍ଦମଣି ଗ୍ରାମରେ ୪ ଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି।

## ରେଳ ଧାରଣାରେ ଫାଟ: ଦୁର୍ଘଟଣାରୁ ବର୍ତ୍ତିଲା ଡିଏମ୍‌ୟୁ

**ବାରିପଦା ଅଫିସ/ରାଇରଙ୍ଗପୁର, ୨୦।୯(ଡି.ଏନ୍.ଏ.):** ଟ୍ରାକ୍ ମ୍ୟାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଟାଟା -ବାଦାମପାହାଡ଼ ଦ୍ୱିତୀୟ ଡିଏମୟୁ ଟ୍ରେନ (ନଂ.୧୮୪୦୯) ଶୁକ୍ରବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଷ୍ଟେଶନର ୨ କି.ମି ପୂର୍ବରୁ ସାନମଉଦା ନିକଟରେ ରେଳ ଧାରଣାରେ ଫାଟ ସୃଷ୍ଟି ହୋଇଥିଲା। ରେଳ ଧାରଣା ତନଖି କରୁଥିବା ଟ୍ରାକ୍ ମ୍ୟାନ ଦୁଷ୍ଟ ପାଲ ଏହି ଫାଟ ଦେଖି ସେହି ସମୟରେ ଆସୁଥିବା ଡିଏମ୍‌ୟୁ ଟ୍ରେନ ଡ୍ରାଇଭରଙ୍କୁ ନାଲି ପତାକା ଦେଖାଇଥିଲେ। ଟ୍ରେନର ଡ୍ରାଇଭର ଏସ.କେ ହେମ୍ବ୍ରମ ଏବଂ ଏସ. ସୋରେନ ଆଗରେ ବିପଦ ଥିବା ଆଶଙ୍କା କରି ତୁରନ୍ତ ଟ୍ରେନ ଅଟକାଇଥିଲେ। ଟ୍ରେନ ଅଟକିବା ପରେ ଯାତ୍ରୀମାନେ ଭୟଭୀତ ହୋଇ ପଡ଼ିଥିଲେ। ପ୍ରାୟ ୨ କି.ମି ଚାଲିଚାଲି ସେମାନେ ଗୋରୁମହିଷାଣୀ ଷ୍ଟେସନକୁ ଯାଇଥିଲେ। ମରାମତି ସରିବା ପରେ ୨ ଘଣ୍ଟା ବିଳମ୍ବରେ ଟ୍ରେନ ଛାଡ଼ିଥିଲା।

## ଲୁହାରଡ୍ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଅଟକ

**ଧର୍ମଶାଳା,୨୦।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ମିର୍ଜାପୁର ହାଟପଡ଼ିଆଠାରେ ଏକ ଲୁହା ରଡ ବୋଝେଇ ଟ୍ରକ୍‌କୁ ଗୁରୁବାର ପୋଲିସ ଜବତ କରିଛି। ଏଥିସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଲୁହାରଡଗୁଡିକ ଏକ ଅଣଓଡ଼ିଆ ଠିକାଦାର ସଂସ୍ଥାର ବୋଲି ପ୍ରାଥମିକ ଦନ୍ତରୁ ଜଣାପଡିଛି। ଅପରପକ୍ଷେ ଲୁହାରଡ୍ ବୋଝେଇ ଟ୍ରକ୍‌କୁ ଡ୍ରାଇଭର ମିର୍ଜାପୁର ଅଞ୍ଚଳକୁ କେଉଁ ଉଦ୍ଦେଶ୍ୟରେ ଆଣିଥିଲା ତାହା ଜଣାପଡି ନ ଥିଲେ ମଧ୍ୟ ଚୋରାରେ ଲୁହାରଡ ବିକ୍ରି କରିବା ପାଇଁ ଟ୍ରକ୍‌ଟି ଏଠାକୁ ଅଣାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ମିର୍ଜାପୁର ହାଟ ପଡ଼ିଆରେ (ଓଏସ୍‌ୟୁ ୭୩୮୭) ଟ୍ରକ୍ ଲୁହା ବୋଝେଇ ହୋଇ ରହିଛି। ଏ ନେଇ ପୋଲିସ ଖବର ପାଇ ସେଠାରେ ପହଞ୍ଚି ଡ୍ରାଇଭରଙ୍କୁ ପଚରାଉଚରା କରିଥିଲା। ତେବେ ଟ୍ରକ୍ ଡ୍ରାଇଭର କିଛି ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ଟ୍ରକ୍‌ଟିକୁ ଥାନାକୁ ଆଣିବା ସହିତ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

### ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ପ୍ରେମିକାଙ୍କ ମୃତ୍ୟୁ

**ଧର୍ମଶାଳା,୨୦।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ଦେଓଦା ପଞ୍ଚାୟତ ଚଇନିହୁଡା ଗ୍ରାମରେ ଏକ ପ୍ରେମୀଯୁଗଳ ଗତ ସୋମବାର ରଶି ଲାଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ନାବାଳିକା ପ୍ରେମିକାର ମୃତ୍ୟୁ ହୋଇଛି। ଅପରପକ୍ଷେ ପ୍ରେମିକ ଚିକିତ୍ସାଧୀନ ଅଛନ୍ତି। ଉଭୟ ନାବାଳକ ଓ ନାବାଳିକା ହୋଇଥିବା ବେଳେ ପଡୋଶୀ ଅଟନ୍ତି। ଏହି ସମ୍ପର୍କକୁ ଉଭୟ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଏଥିପାଇଁ ସେମାନେ ନିଜ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାରକରିଧର୍ମଶାଳାଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେଚିକିତ୍ସାକରାଇଥିଲେ।ମାତ୍ରଅବସ୍ଥାଗୁରୁତରଥିବାରୁଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ପାଣିକୋଇଲି ଖାଦ୍ୟଶସ୍ୟ ପଣ୍ୟାଗାରରୁ ଚୋରି ଉଦ୍ୟମ

# ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ



- ଚୋରିରେ ମହିଳା ଅଧିକାରିଣୀଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା
- କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତଙ୍କ ନଜର
- ପଣ୍ୟାଗାରରୁ ପୂର୍ବରୁ ୨ଥର ଚୋରି ହୋଇଥିଲା

କୋରେଇ,୨୦।୯(ସ୍ୱ.ପ୍ର.)

ପାଣିକୋଇଲି ଖାଦ୍ୟଶସ୍ୟ ପଣ୍ୟାଗାରରୁ ଗୁରୁବାର ରାତିରେ ଚାଉଳ, ଗହମ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଚୋରି ଉଦ୍ୟମ ୱାଚମ୍ୟାନଙ୍କ ହାବୁଡ଼ରେ ପଡିବାରୁ ଅଭିଯୁକ୍ତମାନେ ଗାଡ଼ି ଧରି ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଜଣେ ମହିଳା ଅଧିକାରିଣୀଙ୍କ ସମେତ ଜଣେ ପିଅନ ଓ ଅଟୋ ଡ୍ରାଇଭର ସାମିଲ ଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ୱାଚମ୍ୟାନଙ୍କ ସୂଚନା ଆଧାରରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଗୁରୁବାର ରାତିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଖାଦ୍ୟଶସ୍ୟ ପଣ୍ୟାଗାର ନିକଟରେ ୱାଚମ୍ୟାନ ଶିଶିର କୁମାର ଜେନା ପହଞ୍ଚିବାବେଳକୁ ଲାଇଟ ଲିଭାଯାଇ ଜଣୈକା ଅଧିକାରିଣୀଙ୍କ ଗାଡି ଓ ଏକ ଅଟୋରେ ଚାଉଳ ଓ ଗହମ ଲୋଡ କରାଯାଉଥିଲା। ଏହାଦେଖି ଅନ୍ଧାରରେ ଲାଇଟ ନ ଜଳାଇ ଏଭଳି କାର୍ଯ୍ୟ କାହିଁକି କରୁଛ ବୋଲି ୱାଚ୍‌ମ୍ୟାନ ପଚାରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ପିଅନ ଓ ଅଟୋ ଡ୍ରାଇଭର ଗାଡି ନେଇ ସେଠାରୁ ପଳାଇଯାଇଥିଲେ। ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ୱାଚମାନ ଜେନା ଅବଗତ କରିଥିଲେ। ଏନେଇ ଜିଲା ଯୋଗାଣ ଅଧିକାରୀ ହୋତାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଓ ଏହାର ତଦନ୍ତ କରାଯାଉଥିବା କହିଛନ୍ତି। ପ୍ରକାଶ ଯେ, ପୂର୍ବରୁ ଏହି ଗୋଦାମରୁ ଚୋରି ନେଇ ଦୁଇଦୁଇଥର ଥାନାରେ ଅଭିଯୋଗ ହୋଇଛି। ଏବେ ଜଣୈକା ମହିଳା ଅଧିକାରିଣୀଙ୍କ ଗାଡ଼ିରେ ରାତି ଅଧରେ ଅନ୍ଧାରରେ ଚାଉଳ ଓ ଗହମ ଲୋଡ୍ ହେବା ଘଟଣାରେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ବିଭାଗୀୟ ତଦନ୍ତ ଚାଲିଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶାଳପଡ଼ା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳନ

ଭାପୁର, ୨୦।୯(ସ୍ୱ.ପ୍ର.)- ଭାପୁର ବ୍ଲକ ଶାଳପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ନୀଳକଣ୍ଠ ମହନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଅନ୍ତର୍ଯ୍ୟାମୀ ଦାଶ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶାଳପଡ଼ା ସରପଞ୍ଚ ରୋଜାଲିନ୍ ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ବସନ୍ତ କୁମାର ସାହୁ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଶ୍ୟାମସୁନ୍ଦର ଗୋଛି ମଞ୍ଚାସୀନଥିଲେ। ସ୍ୱଚ୍ଛ ଭାରତର ସ୍ୱପ୍ନ ଦେଖିଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହନୀୟ ଉଦ୍ଦେଶ୍ୟକୁ ଏବେ ଭାରତବାସୀ ହୃଦ୍‌ବୋଧ କରୁଛନ୍ତି। ସ୍ୱଚ୍ଛ ପରିବାର ହିଁ ସ୍ୱଚ୍ଛ ଗ୍ରାମ ଓ ସ୍ୱଚ୍ଛ ଦେଶ ଗଠନ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକମାନେ ଛାତ୍ର ଓ ଅଭିଭାବକଙ୍କ ପାଖରେ ସଚେତନ ବାର୍ତ୍ତା ପହଞ୍ଚାଇବେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଗ୍ରାମ୍ୟଜଳ ଯୋଗାଣ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିଆର୍‌ସିସି ଗାୟତ୍ରୀବାଳା ଦାଶ ଧନ୍ୟବାଦ ଦେଇଥିଲେ।

### ଭକ୍ତି ସଙ୍ଗୀତ ସମାରୋହ

ପୁରୀ ଅଫିସ, ୨୦।୯ : ପୁରୀ ଜିଲା ବିଶ୍ୱକର୍ମା ମହାସଭା ପକ୍ଷରୁ ବଳଗଣ୍ଡି ଠାରେ ବିଶ୍ୱକର୍ମା ପୂଜା ଓ ସାଂସ୍କୃତିକ ମହୋତ୍ସବର ଶୁକ୍ରବାର ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଲିଙ୍ଗରାଜ ଯୋଗ ସଙ୍ଗୀତ ସଂସ୍କୃତ ମହାବିଦ୍ୟାଳୟ(ଲିଜମ୍)ର କଣ୍ଠଶିଳ୍ପୀ ପାରମ୍ପରିକ ଭକ୍ତି ସଙ୍ଗୀତ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ସମାରୋହରେ ମହାସଭାର ବୃନ୍ଦାବନ ମହାରଣା, ସମ୍ପାଦକ ଉପେନ୍ଦ୍ର ମହାରଣା ଓ ଯୋଗାଚାର୍ଯ୍ୟ ଡ.ରମାକାନ୍ତ କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଥକା ମନ ଚାଲ ଯିବା, ହାତରେ ମୋ ମୁଠା ମୁଠା ଶରଧାବାଲି, ଆହେ ନୀଳଶୈଳ ପ୍ରଭୃତି ଗୋଟିଏ ପରେ ଗୋଟିଏ ଭକ୍ତି ସଙ୍ଗୀତରେ ଦର୍ଶକ ବିମୋହିତ ହୋଇଥିଲେ। କଣ୍ଠଶିଳ୍ପୀ ଯୁଧିଷ୍ଠିର ବାରିକ, ରାମଚନ୍ଦ୍ର ସାହୁ, ମି.ରାଜୁ, ପ୍ରତିମା ଦାଶ, ଗଣେଶ୍ୱର ପ୍ରହରାଜ, ଶୋଭନା ମିଶ୍ର, ରଚିସ୍ମିତା ଗୁରୁ, ନୀଳମଣି ପ୍ରଧାନ, ବବୁଲୁ ସାହୁ, ରାମଚନ୍ଦ୍ର ସାହୁ ପ୍ରମୁଖଙ୍କ କଣ୍ଠରୁ ଭକ୍ତି ରସାତ୍ମକ ସଙ୍ଗୀତ ଝରିଥିଲା। ବାଦ୍ୟଯନ୍ତ୍ରରେ ଗୌରୀ ଶଙ୍କର ମିଶ୍ର, ପଣ୍ଡିତ ରମାକାନ୍ତ କର, ଚନ୍ଦନ ଦାଶ, ଲକ୍ଷ୍ମୀଧର ମଲ୍ଲିକ ସହଯୋଗ କରିଥିଲେ।

### ଶରଧାବାଲି ବ୍ୟବସାୟୀ ସଂଘର ବୈଠକ

ପୁରୀ ଅଫିସ, ୨୦।୯ : ଶରଧାବାଲି ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଦଶାବତାର ମଠ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁରେନ୍ଦ୍ରନାଥ ଦାଶ ସଭାପତି, ବୀରେନ୍ଦ୍ର ଭୂଷଣ ହୋତା ଓ ଦୁର୍ଗାମାଧବ ମହାପାତ୍ର ଉପସଭାପତି, ଜିତେନ୍ଦ୍ରେତି ଦାସ ସମ୍ପାଦକ, ପ୍ରଭାକର ସାହୁ କୋଷାଧ୍ୟକ୍ଷ, ବନମାଳୀ ସାହୁ ସାଂସ୍କୃତିକ ସମ୍ପାଦକ, ସହ ସମ୍ପାଦକ ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ମଧୁସୂଦନ ଦାଶ ସୁଧାଂଶୁ ଶେଖର ରାୟ ପ୍ରମୁଖ ଉପଦେଷ୍ଟା ରହିଥିବା ବେଳେ କାର୍ଯ୍ୟକାରୀ କମିଟିକୁ ୨୧ଜଣ ମନୋନୀତ ହୋଇଛନ୍ତି।

### ଛେଳି, ମେଣ୍ଢା ଚୋରି ବୃଦ୍ଧି ପାଉଛି

ଟାଙ୍ଗୀ (ଖୋର୍ଦ୍ଧା), ୨୦।୯(ଡି.ଏନ.ଏ.): ଟାଙ୍ଗୀ ଥାନା ଅଧିନ ଭଜାଗଡ ଓ ସୁନ୍ଦରପୁର ଗ୍ରାମରେ ଛେଳି ଓ ମେଣ୍ଢା ଚୋରି ବୃଦ୍ଧି ପାଇବାରେ ଲାଗିଛି। ଭଜାଗଡ ଗ୍ରାମର ବୁଢିଟାଙ୍ଗୀ ବାସିନ୍ଦା ରାମଚନ୍ଦ୍ର ଛୁଆଳସିଂହଙ୍କର ୪ଟି ଛେଳି ଚୋରି ହୋଇଯାଇଥିବା ସେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨ମାସ ପୂର୍ବେ ତାଙ୍କ ଘରୁ ମଧ ଛେଳି ଚୋରି ହୋଇଥିଲା। ସୁନ୍ଦରପୁର ଗ୍ରାମର ସ୍ୱଗତଃ ଲକ୍ଷ୍ମୀଧର ପରିଡାଙ୍କ ସ୍ତ୍ରୀ ସୀତା ଦେଈଙ୍କର ୨ ଥର ମେଣ୍ଢା ଚୋରି ହୋଇଛି। ପ୍ରଥମ ଥର ୭ ଓ ୨ୟ ଥର ୧୦ ମେଣ୍ଢା ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଲାଠିପଡ଼ା ମଡେଲ ଡିଗ୍ରୀ କଲେଜରେ ଅବ୍ୟବସ୍ଥା

# ପ୍ରତିବାଦରେ ଛାତ୍ରମାନଙ୍କ ଧାରଣା

ନୟାଗଡ଼ ଅଫିସ, ୨୦।୯


ଛାତ୍ରମାନେ କଲେଜ ସମ୍ମୁଖରେ ଧାରଣାରେ ବସିଛନ୍ତି।

■ ମୁଖ୍ୟ ଫାଟକରେ ତାଲା ପକାଇ ବସିଲେ ୩ ଘଣ୍ଟା
■ ୪ ଦଫା ଦାବିରେ ଧାରଣା

ନୟାଗଡ଼ ଜିଲା ସଦର ବ୍ଲକ ଲାଠିପଡ଼ାସ୍ଥିତ ଜିଲାର ଏକମାତ୍ର ସରକାରୀ ମଡେଲ ଡିଗ୍ରୀ କଲେଜରେ ଲାଗି ରହିଛି ଅବ୍ୟବସ୍ଥା। ବିଭିନ୍ନ ସମୟରେ ଏ ନେଇ ଛାତ୍ରୀଛାତ୍ରମାନେ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ମଧ କୌଣସି ସୁଫଳ ମିଳୁ ନ ଥିଲା । ଅବ୍ୟବସ୍ଥାକୁ ନେଇ ଛାତ୍ରମାନଙ୍କ ମଧରେ ବିଭିନ୍ନ ସମୟରେ ଅସନ୍ତୋଷ ଲାଗି ରହିଥିଲା। ଶୁକ୍ରବାର ଏହା ତୀବ୍ର ରୂପ ଧାରଣ କରିଥିଲା। କଲେଜର ନାମଫଳକ ଲଗାଇବା, ସାଇକେଲ୍ ଷ୍ଟାଣ୍ଡ ନିର୍ମାଣ କରିବା, ଛାତ୍ରୀ ଓ ଛାତ୍ରନିବାସକୁ ଖୋଲିବା, ଖେଳପଡ଼ିଆ ନିର୍ମାଣ କରିବା ଭଳି ୪ ଦଫା ଦାବିରେ ଛାତ୍ରମାନେ ଧାରଣା ଦେଇଥିଲେ। ଛାତ୍ରମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଧ୍ୟାହ୍ନ ୧୨ଟାରୁ ପ୍ରାୟ ୩ ଘଣ୍ଟା ଛାତ୍ରମାନେ ଧାରଣାରେ ବସିବା ପରେ କଲେଜ କର୍ତ୍ତୃପକ୍ଷ ଏହାର ସମାଧାନ ଲାଗି ଆଲୋଚନା କରିବାକୁ ଡାକିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ୧୦ ଅଗଷ୍ଟ ୨୦୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ମାଧମରେ ଉକ୍ତ ମଡେଲ ଡିଗ୍ରୀ କଲେଜକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଉକ୍ତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରାଯାଇଥିଲା। ୨ ବର୍ଷ ବିତି ଯାଇଥିଲେ ମଧ କଲେଜରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। କଲେଜ ପରିସରରେ ଛାତ୍ରୀ ଓ ଛାତ୍ରନିବାସ କରାଯାଇଥିଲେ ମଧ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇ ନାହିଁ। ହଷ୍ଟେଲ ଖୋଲା ନ ହେବା ଯୋଗୁ ବାହାରୁ ଆସୁଥିବା ଛାତ୍ରୀଛାତ୍ରମାନେ ବହୁତ ହଇରାଣ ହେଉଛନ୍ତି। ମଜୁରିଆପଲ୍ଲୀ ଛକଠାରେ ବସ୍‌ରୁ ଓହ୍ଲାଇ କଲେଜକୁ ଛାତ୍ରୀଛାତ୍ରମାନେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳୁଛି। ମଜୁରିଆପଲ୍ଲୀ ଛକଠାରୁ କଲେଜର ଦୂରତା ପ୍ରାୟ ୧.୫ କିଲୋମିଟର ହୋଇଥିଲେ ମଧ ସେହି ବାଟରେ କୌଣସି ଅଟୋ ଯାଉନାହିଁ। ଫଳରେ ଛାତ୍ରୀଛାତ୍ର ଚାଲି ଚାଲି ଯାଉଥିବା ଧାରଣାଦେଇଥିବା ଛାତ୍ରମାନେ ପ୍ରକାଶ କରିଥିଲେ। ଗତ ଫନିରେ କଲେଜର ନାମଫଳକ ଉଡ଼ି ଯାଇଥିଲେ ମଧ ଏହାକୁ ଲଗାଯାଉ ନାହିଁ। ମହାବିଦ୍ୟାଳୟରେ ସାଇକେଲ୍ ଷ୍ଟାଣ୍ଡ ଓ ଖେଳପଡ଼ିଆ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଥିବା ପ୍ରକାଶ କରିଥିଲେ। ଉକ୍ତ ମଡେଲ ଡିଗ୍ରୀ କଲେଜରେ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ୮୬୯ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏ ନେଇ କଲେଜ ଅଧକ୍ଷ ନୀଳାଞ୍ଚଳ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ନାମଫଳକ ଶନିବାର ଭିତରେ ଲାଗିଯିବ। ହଷ୍ଟେଲ କାର୍ଯ୍ୟ ସରିଥିଲେ ମଧ ଆସବାବପତ୍ର ନ ଥିବା ଯୋଗୁ ଏହାକୁ ଖୋଲାଯାଇ ପାରୁନାହିଁ। ପିଲାମାନେ ଅଭିଯୋଗ କରିଥିବା ସମସ୍ତ ସମସ୍ୟାକୁ ସମାଧାନ କରାଯିବ ବୋଲି ସେ କହିଥିଲେ।

## ଅବାଧରେ ଚାଲିଛି ବ୍ରାଉନସୁଗାର କାରବାର

ଟାଙ୍ଗୀ (ଖୋର୍ଦ୍ଧା), ୨୦।୯(ଡି.ଏନ.ଏ.)

ଟାଙ୍ଗୀ ଥାନା ଅଧୀନ ବିଭିନ୍ନ ଗ୍ରାମରେ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହେଉଛି। ଏ ନେଇ ପ୍ରଶାସନ ତରଫରୁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛ। ବିଶେଷକରି ଟାଙ୍ଗୀ, କୁହୁଡି, ଜରିପଡା, ଭୁଷଣ୍ଡପୁର ଅଞ୍ଚଳର ବିଭିନ୍ନ ଦୋକାନରେ ବ୍ରାଉନସୁଗାର କାରବାର ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ନିଶାଶକ୍ତ ହୋଇ ବହୁ ଯୁବକ ବିପଥଗାମୀ ହେଉଥିବାରୁ ସେମାନଙ୍କ ପରିବାରରେ ଅଶାନ୍ତ ବାତାବରଣ ଦେଖାଦେଇଛି। ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମଧ୍ୟାହ୍ନଭୋଜନରେ ଅନିୟମିତତା

ପୁରୀ ଅଫିସ, ୨୦।୯

ସରକାରୀ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଓ ଛାତ୍ରୀଛାତ୍ରଙ୍କ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ମଧ୍ୟାହ୍ନଭୋଜନ (ମିଡ୍ ଡେ ମିଲ୍) ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରଥମଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ତେବେ କେତେକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଘଟୁଛି। ପୁରୀ ସଦର ବ୍ଲକ ଅଧୀନ ୮ଟି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରଦାନରେ ବ୍ୟାପକ ଅନିୟମିତତା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ମଙ୍ଗଳବାର ଟୁଇଟ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଅଭିଯୋଗ ଜଣାଇଛନ୍ତି। ଟୁଇଟ୍‌ରେ ସେ ଦର୍ଶାଇଛନ୍ତି, କେତେକ ବିଦ୍ୟାଳୟରେ ଉପସ୍ଥାନଠାରୁ ଅଧିକ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଏମ୍‌ଡିଏମ୍ ୱେବସାଇଟ୍‌ରେ ଉଲ୍ଲେଖ ରହିଛି। ଅନ୍ୟପଟେ ବହୁ ସ୍କୁଲରେ ନିୟମିତ ଭାବେ ମଧ୍ୟାହ୍ନଭୋଜନ ଦିଆଯାଉନାହିଁ। କେତେକ ସ୍କୁଲରେ ସକାଳ ୯ଟାରେ ମଧ୍ୟାହ୍ନଭୋଜନ ଦିଆଯାଉଥିବା ୱେବସାଇଟ୍‌ରେ ଦର୍ଶାଯାଇଛି। ପୂର୍ବାହ୍ନ ୧୦ଟାରେ ସ୍କୁଲ ଖୋଲୁଥିବାବେଳେ ୯ଟାରେ କିପରି ମଧ୍ୟାହ୍ନଭୋଜନ ଦିଆଯାଉଛି ବୋଲି ଜୟନ୍ତ ପ୍ରଶ୍ନ କରିଛନ୍ତି। ଏଭଳି ଅନିୟମିତତାର ତଦନ୍ତ ଲାଗି ସେ ଦାବି କରିଛନ୍ତି।

## ୟୁଥ୍ ରେଡକ୍ରସ୍‌ର ଜିଲା କାର୍ଯ୍ୟକାରୀ ସମ୍ମିଳନୀ

ନୟାଗଡ଼ ଅଫିସ, ୨୦।୯

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ୟୁଥ୍ ରେଡକ୍ରସ୍‌ର ଏକ ଜିଲାସ୍ତରୀୟ କାର୍ଯ୍ୟକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ମହମ୍ମଦ ଓମାର ମଲ୍ଲିକ, ଜିଲା ସଂଯୋଜକ (ୟୁଥ୍ ରେଡ୍‌କ୍ରସ୍) ଡ. ଆଦିତ୍ୟ ମିଶ୍ର, କାଉନସିଲର ସହଦେବ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରେଡ୍‌କ୍ରସ୍ ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ। ସେହିଭଳି ରେଡ୍‌କ୍ରସ୍‌ର ବିଭିନ୍ନ ସମସ୍ୟା କିପରି ସମାଧାନ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସେହିଭଳି ଜିଲାସ୍ତରୀୟ ଶିବିର ଆୟୋଜନ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା। ଏଥିରେ ୩୩ ଗୋଟି ମହାବିଦ୍ୟାଳୟର ଅଧକ୍ଷ ଓ କାଉନସିଲ୍‌ରମାନେ ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

## ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ନେଇ ଶପଥ


ଆମ ପୃଥିବୀ ଆମ ପରିବେଶ ସୁରକ୍ଷା ପାଇଁ ଗ୍ରୀନ ଆର୍ମି ଭାବେ ଶପଥ ନେଉଛନ୍ତି।

ବୋଲଗଡ, ୨୦।୯ (ଡି.ଏନ.ଏ.)

ଆମ ପରିବେଶ, ଆମପୃଥିବୀର ସୁରକ୍ଷା ସାଥିକୁ ଦିନକୁ ଦିନ ବଢୁଥିବା ବିଶ୍ୱତାପନକୁ କମାଇବା ପ୍ରୟାସ ନେଇ ଏକ ଆଲୋଚନା ଚକ୍ର ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ କେସିପିଏଏନ କଲେଜ ପରିସରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରେରଣା ଇଣ୍ଟରନେଶନାଲ ଗ୍ରୀନ ଆର୍ମି ପକ୍ଷରୁ ୨୦୨୦ ଅକ୍ଟୋବର ୨ତାରିଖରେ ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୨୫ଜଣ ଗ୍ରୀନ ଆର୍ମିଭାବେ ଶପଥ ଗ୍ରହଣ କରିଛନ୍ତି। ପ୍ରେରଣା ଗ୍ରୀନ ଆର୍ମିର ଚିଫ କମାଣ୍ଡର ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ ଶପଥ ଗ୍ରହଣ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବୋଲଗଡର ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ କାଳୀଚରଣ ଜୟସିଂହ, କଲେଜ ଅଧ୍ୟକ୍ଷ ରମେଶ ସାମନ୍ତରାୟ, ବୋଲଗଡ ବନପାଳ ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ଅବସରରେ ଆମ ପରିବେଶ ଆମ ପୃଥିବୀର ସୁରକ୍ଷା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ପରିବେଶ ପରିସ୍ଥିତି ଦିନକୁ ଦିନ ବିଗିଡିବା ସହିତ ବିଶ୍ୱତାପନ ବୃଦ୍ଧି ପାଉଛି। ତେଣୁ ପରିବେଶକୁ ସନ୍ତୁଳନ ରଖିବା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ଉଚ୍ଛେଦକୁ ନେଇ ଅସନ୍ତୋଷ: ଦ୍ୱିତୀୟ ଦିନ ସର୍ଭେ ବନ୍ଦ

ପୁରୀ ଅଫିସ, ୨୦।୯

ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରୁ ୭୫ ମିଟର ଉଚ୍ଛେଦକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢୁଛି। ପୁରୁଷ ପୁରୁଷ ଧରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଘର କରି ରହିଥିବା ଲୋକେ ଆଦୌ ଭିଟାମାଟି ଛାଡିବାକୁ ପ୍ରସ୍ତୁତ ନାହାନ୍ତି। ତେଣୁ ଏହି ବିରୋଧ ଯୋଗୁ ଶୁକ୍ରବାର ଲଗାତର ଦ୍ୱିତୀୟ ଦିନ ପାଇଁ ସର୍ଭେ କାର୍ଯ୍ୟ ବନ୍ଦ ରହିଛି। ଗୁରୁବାର ପଶ୍ଚିମ ପାର୍ଶ୍ୱରେ ୭୫ ମିଟର ସୀମା ନିର୍ଦ୍ଧାରଣ ଚାଲିଥିଲା। ତେବେ କୌଣସି ନୋଟିସ୍ ନ ଦିଆଯାଇ ତାଙ୍କ ଘରେ ପଶି ମାପଚୁପ କରାଯାଉଥିବାରୁ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଲୋକଙ୍କ ସହ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଲୋଚନା କରିଥିଲେ ମଧ କୌଣସି ସମାଧାନ ବାହାରି ପାରି ନ ଥିଲା। ଲୋକେ ଜିଦ୍‌ରେ ଅଟଳ ରହିବାରୁ ଅତିରିକ୍ତ ଜିଲାପାଳ ଆଲୋଚନା ଅଧାରୁ ଉଠି ଯାଇଥିଲେ। ଫଳରେ ମାପଚୁପ ଅଧାରୁ ବନ୍ଦ ରହିଥିଲା। ଶୁକ୍ରବାର ବି ମହିଳାମାନେ ଧାରଣା ଦେବାରୁ ଲଗାତର ଦ୍ୱିତୀୟ ଦିନ ଲାଗି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା। ତେବେ ବଡ଼ ଆଖଡା ମଠ ପରେ ହଠାତ୍ ଉଚ୍ଛେଦ ଅଭିଯାନ ବନ୍ଦ ରହିବା ନେଇ ନାନା ପ୍ରକାର ଆଲୋଚନା ଚାଲିଛି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବର୍ତ୍ତମାନ ସର୍ଭେ ଚାଲିଛି। ପୁଣି ଥଇଥାନ ପାଇଁ ଜମି ଚିହ୍ନଟ କରାଯାଉଛି। ଉଚ୍ଛେଦ ବନ୍ଦ ହୋଇନାହିଁ, ପ୍ରକ୍ରିୟା ଜାରି ରହିଛି।

## ଜାମିନ ପାଇଲେ ଫାଇଲିନ୍ ଆନ୍ଦୋଳନକାରୀ

ବ୍ରହ୍ମଗିରି, ୨୦।୯(ଡି.ଏନ୍.ଏ.)

ଫାଇଲିନ୍ କ୍ଷତିଗ୍ରସ୍ତମାନେ କ୍ଷତିପୂରଣ ପାଇବା ନିମନ୍ତେ ଆନ୍ଦୋଳନ କରି ଅନେକ ମାମଲାରେ ଛନ୍ଦି ହୋଇଥିଲେ। ଶୁକ୍ରବାର ସେମାନେ ଏହି ସବୁ ମାମଲାରେ ଜାମିନ ପାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକର ଫାଇଲିନ କ୍ଷତିଗ୍ରସ୍ତମାନେ ନିଜର ହକ୍ ପାଇଁ ୨୦୧୭ ମସିହାରେ ଆନ୍ଦୋଳନ କରିବା ସହିତ ରାଜରାସ୍ତା ଅବରୋଧ କରିଥିଲେ। ଏନେଇ ବ୍ରହ୍ମଗିରି ଥାନାରେ ସେମାନଙ୍କ ନାମରେ ୨୪୮/୧୭ରେ ମାମଲା ରୁଜୁ ହୋଇଥିଲା। ପ୍ରାୟ ୨ଶହ ଲୋକଙ୍କ ନାମରେ ମାମଲା ରହିଥିଲା। ଏହି କ୍ଷତିଗ୍ରସ୍ତମାନେ ଜାମିନ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫାଇଲିନ୍ ହିତାଧିକାରୀଙ୍କ ମଧ୍ୟରୁ ନବୀ ଭୋଇ, କୋଟରୀ ଭୋଇ, ସନ୍ତୋଷ ପ୍ରଧାନ, ଅଜୟ ଜେନା, ଭାସି ବାରିକ ଓ ଅଜୟ ଖଟେଇଙ୍କ ସମେତ ୬ଜଣ ବ୍ରହ୍ମଗିରି ଥାନାରେ ଜାମିନି ପାଇଛନ୍ତି।

## ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ନୟାଗଡ଼ ଅଫିସ, ୨୦।୯


ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

ଜିଲା ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ସେମିନାର (ଆଲୋଚନାଚକ୍ର)ଓ ଜିଲାସ୍ତରୀୟ ରୋଲ୍ ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ବିଜ୍ଞାନ ସୁପରଭାଇଜର ଶରତ କୁମାର ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ସେମିନାର ପ୍ରତିଯୋଗିତାରେ ପ୍ରତି ବ୍ଲକରୁ ୨ ଜଣ ଲେଖାଏ ୧୬ ଜଣ ଓ ନୋତର ଆଦର୍ଶ ବିଦ୍ୟାଳୟରୁ ଜଣେ ଏହିଭଳି ୧୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମାନବ କଲ୍ୟାଣ ଦିଗରେ ପର୍ଯ୍ୟାୟ ସାରଣୀ ଶୀର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ୧୭ ଛାତ୍ରୀଛାତ୍ର ମନ୍ତବ୍ୟ ପ୍ରଦାନ କରିଥିଲେ। ଭାପୁର ବ୍ଲକ ପଦ୍ମାବତୀ ନଟବର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କ୍ରିଷ୍ଣା ଫଟେସିଂ ପ୍ରଥମ ହୋଇଥିବା ବେଳେ ନୋତର ଆଦର୍ଶ ବିଦ୍ୟାଳୟର ଛାତ୍ର ଶ୍ରୀତମ ପ୍ରିୟରଞ୍ଜନ ଦ୍ୱିତୀୟ ଓ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ଛାତ୍ର ବିଶ୍ୱସ୍ୱରୂପ ରଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରୋଲ ପ୍ଲେ ପ୍ରତିଯୋଗିତାରେ ୮ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ନୋତର ଆଦର୍ଶ ବିଦ୍ୟାଳୟ ପ୍ରଥମ ହୋଇଥିବା ବେଳେ ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲ ରଣପୁର ଦ୍ୱିତୀୟ ଓ ନଟବର ହାଇସ୍କୁଲ ପଦ୍ମାବତୀର ଛାତ୍ରୀଛାତ୍ରମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଅଧାପକ ହରିହର ପଣ୍ଡା, ପ୍ରସନ୍ନ କୁମାର ବସନ୍ତିଆ, ମହେଶ୍ୱର ସାହୁ ଯୋଗ ଦେଇଥିଲେ।

## ଶିକ୍ଷା ସମ୍ମାନ ବିଭାଗର ନୂତନ ଶିକ୍ଷାର୍ଥୀଙ୍କୁ ସ୍ୱାଗତ

ବୋଲଗଡ,୨୦।୯(ଡି.ଏନ.ଏ.)



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ କେସିପିଏଏନ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ସମ୍ମାନ ବିଭାଗ ପକ୍ଷରୁ ଶୁକ୍ରବାର ନୂତନ ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରାଯାଇଛି। ବରିଷ୍ଠ ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁଆୟୋଜିତ ଉତ୍ସବରେ ବରିଷ୍ଠ ଛାତ୍ର ଦେବୀ ପ୍ରସାଦ ମିଶ୍ର,ଘନଶ୍ୟାମ ପ୍ରଧାନ, ଛାତ୍ରୀ ସୋନାଲି ପଣ୍ଡା,କଳ୍ପନା ପ୍ରଧାନ ,ପ୍ରଶାନ୍ତିନୀ ଦଳାଇ ପ୍ରମୁଖଙ୍କ ସମେତ ଅନ୍ୟମାନେ ନୂତନ ଶିକ୍ଷାର୍ଥୀମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶିକ୍ଷାର୍ଥୀ ଜୀବନରେ କିପରି ଶିକ୍ଷା ଗ୍ରହଣ ପାଇଁ ବ୍ରତୀ ହେବା ସହିତ ଶିକ୍ଷାନୁଷ୍ଠାନର ସୁନାମ ରଖିବା ଏବଂ ନିଜକୁ ଉତ୍ତମ ଶିକ୍ଷାର୍ଥୀ ଭାବେ ଗଢି ତୋଳିବା ପାଇଁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ କାଳିଚରଣ ଜୟସିଂହ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ହରପ୍ରିୟା ଦାଶ,ଅଧ୍ୟାପକ ଜୟକୃଷ୍ଣ ମିଶ୍ର ,ପୀତବାସ ମିଶ୍ର ,ସୁକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଶୈକ୍ଷିକ ପରିବେଶ ପ୍ରତି ସମସ୍ତେ ଧ୍ୟାନ ଦେବାକୁ ଗୁରୁତ୍ୱ ଦେଇଥିଲେ ।

## ବିଶ୍ୱଶାନ୍ତି ନେଇ ସୁନ୍ଦରାକାଣ୍ଡ ପାଠ

ପୁରୀ ଅଫିସ, ୨୦।୯

ସ୍ଥାନୀୟ କଚେରୀ ରୋଡ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବିଶ୍ୱକର୍ମା ପୂଜା ଅବସରରେ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ କଲ୍ୟାଣ ଓ ଗୋମାତାର ସୁରକ୍ଷା ପାଇଁ ସୁନ୍ଦରାକାଣ୍ଡ ପାଠ ହୋଇଥିଲା। ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ନେତୃତ୍ୱରେ ପଣ୍ଡିତ କୈଳାଶ ଚନ୍ଦ୍ର ଦାସ ଜୀ, ପଣ୍ଡିତ କାର୍ତ୍ତିକ ସାହୁ, ପବିତ୍ରା ପଣ୍ଡା, ସ୍ନେହାଶିଷ ମହାନ୍ତି, କୈଳାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସହକାରୀ ଯନ୍ତ୍ରୀ ରବି ନାରାୟଣ ସିଂ, ରମାକାନ୍ତ ଖଟୁଆ, ରାଜେଶ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ମଳୟ କୁମାର ବେହେରା, ବସନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସେସୁ ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଜୋର ଧରୁଛି ସ୍ୱର୍ଗଦ୍ୱାର ଜବରଦଖଲ ଜମି ଉଚ୍ଛେଦ

ପୁରୀ ଅଫିସ, ୨୦।୯

■ ବିକାଶ ଚିତ୍ରରେ ସାମିଲ କରାଯାଉ
■ ସୋସିଆଲ ମିଡିଆରେ ଚର୍ଚ୍ଚା

ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ବିକାଶ ଲାଗି ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଶ୍ରୀକ୍ଷେତ୍ରର ଅନ୍ୟତମ ଐତିହ୍ୟ ସ୍ୱର୍ଗଦ୍ୱାରରୁ ମଧ ଜବରଦଖଲ ଉଚ୍ଛେଦ ଲାଗି ଦାବି ହୋଇଛି। ଏନେଇ ବିଭିନ୍ନ ସଙ୍ଗଠନ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ନିକଟରେ ଦାବି କରିଛନ୍ତି। ବର୍ଷ ବର୍ଷ ଧରି ଜବରଦଖଲରେ ରହିଥିବା ସ୍ୱର୍ଗଦ୍ୱାର ଜମି ମୁକ୍ତ ଲାଗି ଦାବି କରିଛନ୍ତି। ଏପରିକି ସୋସିଆଲ ମିଡିଆରେ ଏହା ଏକ ଚର୍ଚ୍ଚାର ବିନ୍ଦୁ ପାଲଟିଛି। ସ୍ୱର୍ଗଦ୍ୱାର ଜମି ନେତା, ଅସାମାଜିକ ବ୍ୟକ୍ତିଙ୍କ ହାତରୁ ମୁକ୍ତ ଲାଗି ଦାବି କରୁଛନ୍ତି।

ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ସ୍ୱର୍ଗଦ୍ୱାର ଜମି ଜବରଦଖଲ ଉଚ୍ଛେଦ ଲାଗି ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଜଡିତ ରହିଛି ସ୍ୱର୍ଗଦ୍ୱାର। ସ୍ୱର୍ଗଦ୍ୱାରରେ ସଂସ୍କାର କଲେ ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଦୈନିକ ଶହ ଶହ ମୃତଦେହ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଛି। ଅନ୍ୟପଟେ ସ୍ୱର୍ଗଦ୍ୱାରକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନାଭାବରୁ ମୃତଦେହ ପୋଡିବା ଲାଗି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ପ୍ରଚଣ୍ଡ ଖରାରେ ସିଝୁଛନ୍ତି। ବର୍ଷାରେ ଭିଜୁଛନ୍ତି। ୨ବର୍ଷ ତଳେ ସ୍ୱର୍ଗଦ୍ୱାର ଜବରଦଖଲ ପ୍ରସଙ୍ଗ ନେଇ ବିଭିନ୍ନ ଗଣମାଧମରେ ଖବର ପରିବେଷଣ ପରେ ପ୍ରଶାସନର ଚେତା ପଶିଥିଲା। ଏହାର ଜମିଜମା ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ତେବେ ଏହି ରିପୋର୍ଟ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଯାଇଛି। ମିଳିଥିବା ସୂଚନା ପ୍ରକାରେ, ସ୍ୱର୍ଗଦ୍ୱାର ଏକ ଏକର ଜମି ମଧ୍ୟରୁ ୫୩୫ ଡେସିମିଲ ପ୍ରଭାବଶାଳୀ ନେତାଙ୍କ କବ୍‌ଜାରେ ରହିଛି। କବ୍‌ଜା ଥିବା ଜମିରେ ବେଆଇନ ଭାବେ ହୋଟେଲ, ରେଷ୍ଟୁରାଣ୍ଟ, ଲଜ୍, ଟ୍ରାଭେଲ୍ସ ସଂସ୍ଥା ଗଢି ଉଠିଛି। ବଳକା ୪୬୫ ଡେସିମିଲ ଜାଗାରେ ଚାଲିଛି ମୃତଦେହ ସଂସ୍କାର। ଦୈନିକ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମୃତଦେହ ପୋଡାଯାଉଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେବା ଲାଗି ଦାଶ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।